## ସଂକ୍ଷେପରେ

### ଟ୍ରେନ୍‌ରେ କାଠ ଚାଲାଣ



**ଟିକିରି, ୨୩।୧୦(ଡି.ଏନ୍.ଏ.)-** ରାୟଗଡ଼ାରୁ ଜଗଦଲପୁର ଅଭିମୁଖେ ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସରେ ମଙ୍ଗଳବାର କାଠ ଚାଲାଣ ହେଉଥିବା ବନବିଭାଗ ଖବର ପାଇଥିଲା। ଟିକିରି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପତି ମାଝିଙ୍କ ନିର୍ଦ୍ଦେଶକ୍ରମେ ଟିକିରି ଫରେଷ୍ଟର କାମେଶ୍ୱର ଆଚାରୀ, ବନରକ୍ଷୀ ଜଗମୋହନ ସାହୁ, ଲଳିତା ବିଡିକା ପ୍ରମୁଖ ଷ୍ଟେଶନରେ କାଠ ଓହ୍ଲାଉଥିବା ସମୟରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ପାଞ୍ଚଖଣ୍ଡ ଶାଳକାଠ ଜବତ କରାଯାଇଛି। ଏହି ସମୟରେ ଘଟଣାରେ ସମ୍ପୃକ୍ତ ଲୋକମାନେ ଫେରାର ହୋଇ ଯାଇଥିଲେ। ଲେଲିଗୁମା ସଂରକ୍ଷିତ ଜଙ୍ଗଲରୁ ସବୁଦିନ ଟିକିରି ଅଞ୍ଚଳକୁ ଟ୍ରେନରେ କାଠପଟା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ରେଲୱେ ଓ ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଗୁଡ଼ାରୀ ଥାନାର ନୂତନ କୋଠା ଉଦ୍‌ଘାଟିତ



**ଗୁଡ଼ାରୀ, ୨୩।୧୦(ଡ଼ି.ଏନ.ଏ)-** ଗୁଡ଼ାରୀ ଥାନାର ନୂତନ କୋଠା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଦକ୍ଷିଣାଞ୍ଚଳ ଡ଼ିଆଇଜି ସର୍ଫିନ ଅହମ୍ମଦ ଉଦ୍‌ଘାଟନ କରି ମୋ ସରକାର ଯୋଜନାରେ ଲୋକଙ୍କୁ ପୋଲିସର ନିକଟତର ହେବା ନେଇ କହିଥିଲେ। ଏଥିସହିତ ଥାନା ପରିସରରେ ନୂତନ ସିଆରପିଏଫ ହବ୍ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ ଉପସ୍ଥିତ ଥିଲେ। ଥାନାଧିକାରୀ ସୁଶାନ୍ତ କୁମାର ତାଉଡ଼ିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଡ଼ାରୀ ଥାନାର ସମସ୍ତ କର୍ମଚାରୀ, ସିଆରପିଏଫର କମାଣ୍ଡାଣ୍ଟ, ଯବାନ ଓ ହୋମଗାର୍ଡ଼ ଉପସ୍ଥିତ ଥିଲେ।

### କନ୍ୟା କୌଶଳ କାର୍ଯ୍ୟକ୍ରମ

**ପଦ୍ମପୁର, ୨୩।୧୦(ଡି.ଏନ୍.ଏ.)-** ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଡିଆବନ୍ଧ ଗ୍ରାମର ବସନ୍ତଦେବୀ ବିଦ୍ୟାପୀଠରେ ଶାନ୍ତିକୁଞ୍ଜ ହରିଦ୍ୱାରା ବିଧାନ, ଦକ୍ଷିଣ ପ୍ରାନ୍ତୀୟ ଗାୟତ୍ରୀ ପରିବାର ଆନୁକୂଲ୍ୟରେ କନ୍ୟା କୌଶଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଯୋଗାସନ ଶିକ୍ଷାର ମହତ୍ୱ ଉପରେ ବୁଝାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ଛାତ୍ରୀମାନଙ୍କୁ ସମୟସାରଣୀର ଉପଦେୟତା ଓ ଆତ୍ମରକ୍ଷା କରିବା କୌଶଳ ଉପରେ ବୁଝାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ହରିଶରଣ ଦାଶ ଧନ୍ୟବାଦ ଦେଇଥିଲେ।



### ଦାବି ଶୁଣୁନି ପ୍ରଶାସନ
### ଆନ୍ଦୋଳନକୁ ଓହ୍ଲାଇବେ ବିଦ୍ୟୁତ୍ ବିଭାଗ ଡିପ୍ଲୋମା ଇଞ୍ଜିନିୟର

**ରାୟଗଡ଼ା ଅଫିସ, ୨୩।୧୦-**ଓଡିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ ସଦସ୍ୟ ତଥା ବିଦ୍ୟୁତ୍ ସଂସ୍ଥା ଅଧୀନ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରଙ୍କ ଏକ ବୈଠକ ସଭାପତି ବଳରାମ ପ୍ରସାଦ ବସୁମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ସଂଘ ପକ୍ଷରୁ ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କୁ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର ଦିଆ ଯାଇଥିଲା। ୫ବର୍ଷ ପୁରିଲେ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି, ଘରଭଡା ଓ ଚିକିତ୍ସା ଭତ୍ତା ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ଥିଲେ। କିନ୍ତୁ ତାହା ଏଯାଏ ପୁରା ହୋଇନି। ଏହା ବିରୋଧରେ ଆସନ୍ତା ୧୫ ତାରିଖରେ ସମସ୍ତ ବିଦ୍ୟୁତ୍ ଡିପ୍ଲୋମା ଇଞ୍ଜିନିୟର ଧର୍ମଘଟକୁ ଓହ୍ଲାଇବେ ବୋଲି ସଭାପତି ସୂଚନା ଦେଇଛନ୍ତି।

■ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

# କମ୍ପ୍ୟୁଟର ଚିହ୍ନି ପାରିଲେନି ସପ୍ତମ ଶ୍ରେଣୀ ଛାତ୍ର

**ରାୟଗଡା ଅଫିସ, ୨୩।୧୦**

ସ୍କୁଲକୁ ମନ୍ତ୍ରୀମାନେ ଅଚାନକ ଗସ୍ତ କରି ଖାଦ୍ୟର ମାନ ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ରାୟଗଡ଼ା ଜିଲା ଗସ୍ତ କରିଛନ୍ତି। ଏହି ଗସ୍ତ ବେଳେ ସେ ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ସେଠାରେ ଛାତ୍ରୀଛାତ୍ରଙ୍କ ସହ ସମୟ ବିତାଇ ସ୍କୁଲର ବିଭିନ୍ନ ସୁବିଧା ଓ ଅସୁବିଧା, ମଧ୍ୟାହ୍ନ ଭୋଜନ ସମ୍ପର୍କରେ ଆଲୋଚନା କରିଥିଲେ।



ମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

■ ବିଭିନ୍ନ ସ୍କୁଲର ଭିତ୍ତିଭୂମି, ମଧ୍ୟାହ୍ନ ଭୋଜନ ପରଖିଲେ
■ ପ୍ରେମ ପାହାଡ଼ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ

ମନ୍ତ୍ରୀ ପ୍ରଥମେ ସ୍ଥାନୀୟ ଭାକୁରଗୁଡା ଆଶ୍ରମ ବିଦ୍ୟାଳୟକୁ ଯାଇଥିଲେ। ସପ୍ତମ ଶ୍ରେଣୀକୁ ଯାଇ ସକାଳ ଭୋଜନର ମେନ୍ୟୁ ସମ୍ପର୍କରେ ଜାଣିବା ସହ ଦୈନନ୍ଦିନ କଣ ସବୁ ଖାଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ଇଂରାଜୀରେ ପ୍ରଶ୍ନ ପଚାରିଥିଲେ ମଧ ପିଲାମାନେ ସୁନ୍ଦରଭାବେ ତାହାର ଉତ୍ତର ଦେଇଥିଲେ। ପରେ ସେ ଷଷ୍ଠ ଶ୍ରେଣୀକୁ ଯାଇଥିଲେ। ଶ୍ରେଣୀରେ ଶିକ୍ଷକ ନଥିବାରୁ ଏହାର କାରଣ ପଚାରିଥିଲେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ମାତ୍ର ଛଅ ଜଣ ଶିକ୍ଷକ ଅଛନ୍ତି ବୋଲି ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ସାହୁ କହିଥିଲେ। ମନ୍ତ୍ରୀ ପରେ ସ୍କୁଲର ଡାଇନିଂ ହଲ୍‌ର ବ୍ୟବସ୍ଥା ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହା ପରେ ସେ କମ୍ପ୍ୟୁଟର କକ୍ଷକୁ ଯାଇଥିଲେ। ସେଠାରେ ଉପସ୍ଥିତ ସପ୍ତମ ଶ୍ରେଣୀର ଜଣେ ଛାତ୍ରଙ୍କୁ କମ୍ପ୍ୟୁଟର ସମ୍ପର୍କୀୟ ବିଭିନ୍ନ ପ୍ରଶ୍ନ ପଚାରି ଥିଲେ ମଧ ସେ ତାହା କହି ପାରି ନ ଥିଲେ। ଏହାକୁ ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମନ୍ତ୍ରୀ ସ୍କୁଲ ହଷ୍ଟେଲକୁ ଯାଇ ପିଲାଙ୍କ ଶୟନକକ୍ଷ ଓ ପାଇଖାନା ବୁଲି ଦେଖିଥିଲେ । ସେ ସବୁ ପରିଷ୍କାର ଥିବା ଦେଖି ଖୁସି ହୋଇଥିଲେ। ଏହା ପରେ ରାୟଗଡା ସହର ଉପକଣ୍ଠସ୍ଥ ପ୍ରେମ ପାହାଡ ପରିଦର୍ଶନ କରିଥିଲେ। ଏହା ଅତ୍ୟନ୍ତ ସୁନ୍ଦର ଜାଗା। ବାହାରୁ ଆସୁଥିବା ପର୍ଯ୍ୟଟକ ଚିଲିକା, ପୁରୀ ଯାଉଛନ୍ତି, ସେମାନଙ୍କୁ ରାୟଗଡା ଆଣିବାକୁ ହେଲେ ଏହାର ଉନ୍ନତି ନିହାତି ଜରୁରୀ ବୋଲି ସେ କହିଥିଲେ। ଏହାର ଉନ୍ନତି ନିମନ୍ତେ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏହାପରେ ସିରିଗୁଡାସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଭିତ୍ତିଭୂମି ପରଖିବା ସହ ପିଲାଙ୍କ ସାଙ୍ଗରେ ମଧ୍ୟାହ୍ନ ଭୋଜନ କରିଥିଲେ। ପିଲାଙ୍କୁ ପାଠ ବିଷୟରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, କୋରାପୁଟ ପୂର୍ବତନ ଏମ୍‌ପି ଝିନ୍ନ ହିକ୍କା, ଡିଆରଡିଏ ପିଡି ଅମ୍ରିତ ରତୁରାଜ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ସୁରେନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗ ଅଧିକାରୀ ପରିଚୟ ଦେଇ ଟଙ୍କା ଦାବି

## ଯୁବକଙ୍କୁ ଅଟକ ରଖି ପୋଲିସର ତଦନ୍ତ

**ବିଷମକଟକ, ୨୩।୧୦–** ନିଜକୁ ଶିକ୍ଷା ବିଭାଗୀୟ ଅଧିକାରୀ ପରିଚୟ ଦେଇ ଟଙ୍କା ଆଦାୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ବିଷମକଟକ ପୋଲିସ ବୁଧବାର ଅଟକ ରଖି ପଚରା ଉଚରା କରୁଛି। ସେ ହେଲେ କୋଲନରା ବ୍ଲକ ଖେଦାପଡା ଗ୍ରାମର ଭୀମ ଗାଣ୍ଡା।



ପ୍ରକାଶ ଯେ, ଭୀମ ମଙ୍ଗଳବାର ସାର୍ତେଲି ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ସେଠାରେ ନିଜକୁ ଶିଶୁ କଲ୍ୟାଣ ବିଭାଗର କୋଅର୍ଡିନେଟର ପରିଚୟ ଦେଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରି ଅଙ୍ଗନୱାଡି କର୍ମୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ଏହାପରେ ସାନସାର୍ତେଲି ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ସେ ନିଜକୁ ଜିଲା ଶିକ୍ଷା ବିଭାଗର କର୍ମଚାରୀ ଭାବେ ପରିଚୟ ଦେଇ ଜଣେ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନା ସଂକ୍ରାନ୍ତରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲେ। ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରିବା ଭୟ ଦେଖାଇ ଟଙ୍କା ଦାବି କରିଥିଲେ। ସ୍କୁଲକୁ ଆସିଥିବା ଉକ୍ତ ବ୍ୟକ୍ତି ଶିକ୍ଷା ବିଭାଗୀୟ ଅଧିକାରୀ ନୁହନ୍ତି ବୋଲି ଶିକ୍ଷୟିତ୍ରୀ ଜଣଙ୍କ ଜାଣି ପାରିଥିଲେ। ଆସନ୍ତାକାଲି ଆସନ୍ତୁ ୫ହଜାର ଟଙ୍କା ଆଣି ଦେବି ବୋଲି ଶିକ୍ଷୟିତ୍ରୀ ଜଣଙ୍କ ଚତୁରତାର ସହ କହିଥିଲେ। ଭୀମ ଟଙ୍କା ନେବା ପାଇଁ ବୁଧବାର ପୁଣି ଥରେ ସ୍କୁଲକୁ ଆସିଥିଲେ। ପୂର୍ବ ଯୋଜନା ଅନୁଯାୟୀ ସାନ ସାର୍ତେଲି ଗ୍ରାମବାସୀ ସେଠାରେ ପହଞ୍ଚି ଭୀମଙ୍କୁ ଅଟକାଇଥିଲେ। ପରେ ସେମାନେ ବିଷମକଟକ ଥାନାକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷୟିତ୍ରୀଙ୍କୁ ଘଟଣାର ପରିସରଭୁକ୍ତ କରି ପୋଲିସ ତଦନ୍ତ ଚଳାଇଛି। ଏହା ପୂର୍ବରୁ ଭୀମ ବାଣିଗାଁ, ଡୁମୁରୁଗୁଡା, ଖେଦାପଡା ଆଶ୍ରମ ସ୍କୁଲ ସହ ଅନ୍ୟ ସ୍କୁଲକୁ ଯାଇ ଟଙ୍କା ଆଦାୟ କରିଥିବା ସୂଚନା ମିଳିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ପ୍ରାଥମିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା






କୋଲନରା ଓ ଚନ୍ଦ୍ରପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା।

**କୋଲନରା/ଚନ୍ଦ୍ରପୁର, ୨୩।୧୦(ଡି.ଏନ୍.ଏ.)**

ରାୟଗଡ଼ାର ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। କୋଲନରା ବ୍ଲକ ବିଜେଡି ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ବିଜେଡ଼ି ଜିଲା ସଭାପତି ଲାଲ ବିହାରୀ ହିମ୍‌ରିକା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଧବଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରି ସନ୍ତୋଷୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚି ଥିଲା। ଦଳୀୟ କର୍ମୀ ସାରଙ୍ଗଧର କାଡ୍ରାକା, ବିଜେଡି ଉପସଭାପତି ବି.ତିରୁପତି, ଯୁବ ବିଜେଡି ଜିଲା ସଭାପତି ଜଗନ୍ନାଥ ଦୋରା , କୋଲନରା ବିଜୁ ଯୁବ ବାହିନୀ ସମ୍ପାଦକ ଜି.ରବି, ଗୋପାଳ ପାଣିଗ୍ରାହୀ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ଲୋକମାନେ ନିଜ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହାର ସମାଧାନ କରାଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଆଗୁଲୁ ପାତ୍ର ଓ ଇପିଲି ଚେନ୍ଦ୍ରା ପରିଚାଳନା କରିଥିଲେ।

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁକାରଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଯୁଗାପଦର ଗ୍ରାମରୁ ଏହି ପଦଯାତ୍ରା ବାହାରି ଥିଲା। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରତିଙ୍ଗା, ବରିଷ୍ଠ ବିଜେଡି ନେତା ଗଗନ ଆଚାର୍ଯ୍ୟ, ଡାଙ୍ଗସୋରଡ଼ା ସରପଞ୍ଚ ଧାନୁମାଝି କୁମୁରୁକା, ବ୍ଲକ କାଉନ୍‌ସିଲର ଆକୁମାଝି ଗଗରେଙ୍ଗା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୭ଶହରୁ ଉର୍ଦ୍ଧ୍ୱ କର୍ମୀ, ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସମେତ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ଏଥିରେ ନୂତନ ସଭ୍ୟ ଗ୍ରହଣ କରାଯାଇଥିଲା।

### ମାଇକଞ୍ଚ ହାଇସ୍କୁଲରେ ଅବ୍ୟବସ୍ଥା

**ଟିକିରି, ୨୩।୧୦(ଡି.ଏନ୍.ଏ.)–** ରାୟଗଡ ଜିଲା କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତସଦରସ୍ଥିତ ହାଇସ୍କୁଲ ଅବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ମାଇକଞ୍ଚଠାରେ ଅନୁଷ୍ଠିତ ମହାସମାଧାନ ଶିବିରରେ ଉପସ୍ଥିତ ରାୟଗଡ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜଙ୍କୁ ସ୍କୁଲ ସମସ୍ୟା ନେଇ ଦାବିପତ୍ର ଦିଆଯାଇଥିଲା। ହାଇସ୍କୁଲଠାରେ ପାଣି ସମସ୍ୟା ଦୂର କରି ପାଇଖାନା ଏବଂ ପାଚେରି ନିର୍ମାଣ ଓ ଶିକ୍ଷକ ସମସ୍ୟା ନେଇ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ବିଦ୍ୟାଳୟର ପ୍ରଥମରୁ ସପ୍ତମ ଶ୍ରେଣୀ ମଧ୍ୟରେ ୨୭୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ଗତ ସୋମବାର ୧୧୫ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ୩ଜଣ ଶିକ୍ଷକଙ୍କ ମଧ୍ୟରେ ଜଣେ ଉପସ୍ଥିତ ଥିଲେ। ସେହିପରି ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଉକ୍ତ ଦିନ ୭୦ଜଣ ଉପସ୍ଥିତ ଥିବାବେଳେ ୫ଜଣ ଶିକ୍ଷକଙ୍କ ମଧ୍ୟରୁ ଦୁଇଜଣ ବିନା ଛୁଟିରେ ଅନୁପସ୍ଥିତ ଥିଲେ। ସ୍କୁଲ ସଭାପତି ଦୈତାରି ଝୋଡିଆଙ୍କ ସମେତ ଯୁଧିଷ୍ଠିର ଝୋଡିଆ ଶିବରାଜ ପ୍ରମୁଖ ଅଭିଯୋଗ କରିଛନ୍ତି।

### ସ୍କୁଲ ନୂତନ କୋଠା ଉଦ୍‌ଘାଟିତ

**ରାୟଗଡା ଅଫିସ, ୨୩।୧୦**

ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ନୂତନ କୋଠାକୁ ବୁଧବାର ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଉଦ୍‌ଘାଟନ କରିଛନ୍ତି। ପିଏ ଆଇଟିଡିଏ ପ୍ରକଳ୍ପ ଦ୍ୱାରା ୭୪ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କୋଠା ନିର୍ମାଣ କରାଯାଇଛି। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଏହାର ସ୍ୱନସର କରିଥିଲା। ଉକ୍ତ କୋଠାରେ ଏକ ସମ୍ମିଳନୀ କକ୍ଷ, ଛାତ୍ରୀ ଶୌଚାଳୟ, ଏନ୍‌ସିସି କକ୍ଷ ରହିବ।

# ସରକାରୀ ଜମିକୁ ନେଇ ବିବାଦ

## ପ୍ରଶାସନ ହସ୍ତକ୍ଷେପ ପରେ ସମାଧାନ



–ଜାଗା ମାପଚୁପ କରିବାକୁ ଆସିଥିବା ଅଧିକାରୀ ଓ ପୋଲିସ।

**ବିଷମକଟକ, ୨୩।୧୦–** ବିଷମକଟକସ୍ଥିତ ଚନ୍ଦନ କୋଲନୀବାସୀଙ୍କୁ ଉକ୍ତ ଅଞ୍ଚଳର ମାଳତି ବାଘ ନାମକ ବ୍ୟକ୍ତି ଉକ୍ତ ଜାଗା ଛାଡି ଚାଲିଯିବାକୁ ଦୀର୍ଘ ଦିନ ହେବ ଧମକ ଦେଉଥିଲେ। ଏନେଇ ସୋମବାର ଅନୁଷ୍ଠିତ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଚନ୍ଦନ କଲୋନୀବାସୀ ରହୁଥିବା ସ୍ଥାନକୁ ମାଳତି ନିଜର ବୋଲି ଦାବି କରୁଥିଲେ। ଉକ୍ତ ଜାଗାକୁ ମାପଚୁପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ସ୍ଥାନୀୟ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ଜେନା ଏବଂ ବିଷମକଟକ ପୋଲିସ ସେଠାରେ ପହଞ୍ଚି ଜାଗା ମାପଚୁପ କରିଥିଲେ। ଏଥିସହ ମାଳତିଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ମାପଚୁପ ସରିବା ପରେ ଜନବସତି ଗଢି ଉଠିଥିବା ସମସ୍ତ ଜାଗା ସରକାରୀ ବୋଲି ଜଣାପଡିଥିଲା। ସରକାରୀ ଜାଗାରେ ମାଳତିଙ୍କ ମଧ ଘରଥିବା ଜଣାପଡିଥିଲା। ଉକ୍ତ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଜାଗାକୁ ସରକାର ନିଜ ଅକ୍ତିଆରକୁ ନେଇ ତାରବାଡ ଘେରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

### କଲେଜରେ ଆଲୋଚନାଚକ୍ର

**ମୁନିଗୁଡା, ୨୩।୧୦(ଡି.ଏନ୍.ଏ.)**

ମୁନିଗୁଡା ସ୍ନାତକ ମହାବିଦ୍ୟାଳୟର ଆଇଆର୍‌ଆଣ୍ଡପିଏମ୍‌ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧକ୍ଷ ହୃଷୀକେଶ ଜାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ +୨ ମହାବିଦ୍ୟାଳୟ ଅଧକ୍ଷ ଡା. ଦେବାନନ୍ଦ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟାପକ ରଜନୀକାନ୍ତ ମିଶ୍ର ଓ ଡା. ରାମନାଥ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ 'ମାନବ ସମ୍ବଳର ଭୂମିକା' ସମ୍ପର୍କରେ ପି.ରୋମା ମାଝି, ସନ୍ଦୀପ ଗାଡ଼କା, ବିକାଶ ସୂର୍ଯ୍ୟ ସାହୁକାର, ପି. ମାଧବ ପାତ୍ର, ଦିଲ୍ଲୀପ କରକରିଆ, ଆଶାରାଣୀ ସାହୁ ଅଭିଭାଷଣ ଦେଇଥିଲେ। ଅଧ୍ୟାପକ ବିରାଟ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅସିତ ମହାନ୍ତି, ରମାକାନ୍ତ ଛିଞ୍ଚୁଆଣି ଓ ଚତୁର୍ଭୁଜ ବନ୍ଛୋରଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା'ଙ୍କୁ ବିଦାୟ...





ଗୁଣପୁର ମରାଠୀଗୁଡା ଓ ରାୟଗଡ଼ା ନ୍ୟୁ କଲୋନୀରେ ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ସିଆର୍‌ସିସି ନିଯୁକ୍ତିରେ ଲାଞ୍ଚ କାରବାର ଅଭିଯୋଗ

## ମୁନିଗୁଡା ବ୍ଲକ

**ମୁନିଗୁଡା, ୨୩।୧୦ (ଡି.ଏନ୍.ଏ.)**

ମୁନିଗୁଡା ବ୍ଲକରେ ଥିବା ୧୬ଟି କ୍ଲଷ୍ଟରରେ ଚଳିତ ବର୍ଷ ସିଆର୍‌ସିସି ନିଯୁକ୍ତ କରାଯାଇଛି। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ସହ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଛି। ଅଧିକାଂଶ ଜିଲାରେ ଗୋଟିଏ ଢ଼ଙ୍ଗରେ ଏହି ଚୟନ କରାଯାଇଥିବାବେଳେ ମୁନିଗୁଡାରେ କିନ୍ତୁ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇଛି। ୧୬ଟି କ୍ଲଷ୍ଟର ପାଇଁ ମୋଟ ୪୮ ଜଣ ଶିକ୍ଷକ ଆବେଦନ କରିଥିଲେ। ସିଆର୍‌ସିସି ଚୟନ ପାଇଁ ଏକ ଭିଜନ ଟେଷ୍ଟ କରାଯାଇଥିଲା। ହେଲେ ଭିଜନଟେଷ୍ଟରେ କମ୍ ନମ୍ବର ଓ ଅଭିଜ୍ଞତା ନ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ସିଆର୍‌ସି ହେବାକୁ ହେଲେ ଜଣେ ଶିକ୍ଷକ ୧୦ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିବା ଆବଶ୍ୟକ ବୋଲି ୨୧।୬।୨୦୧୭ରେ ଓପେପା ପକ୍ଷରୁ ଦିଆଯାଇଥିବ ପତ୍ର ସଂଖ୍ୟା ୪୨୯୭ରେ ଉଲ୍ଲେଖ ରହିଛି। ଏଥିସହ ପ୍ରତ୍ୟେକ କ୍ଲଷ୍ଟରରୁ ୩ ଜଣ ଲେଖାଏ ଏହି ଚୟନ ପାଇଁ ଆବେଦନ କରିବା କଥା। ଏହି ଚୟନ ପକ୍ରିୟା ପାଇଁ କନିଷ୍ଠବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ଲାଞ୍ଚ ନେଇ ବରିଷ୍ଠ ଶିକ୍ଷକଙ୍କୁ ଅଣଦେଖା କରାଯାଇଛି ବୋଲି କେତେଜଣ ଶିକ୍ଷକ ନିଜର ନାମ ପ୍ରକାଶ ନ କରି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଏଜୁକେଶନ ଅଫିସର ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ସବୁ ଡିପିସ ଅଫିସରୁ ଅର୍ଡର ହୋଇଛି ବୋଲି ସେ କହିଛନ୍ତି। ବ୍ଲକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ, ମୁଁ ଜିଲା ସଂଘ ସହ କଥା ହୋଇଛି। ଏହା ଡିପିସି ଅଫିସରୁ ଚୟନ ହୋଇଛି, କିନ୍ତୁ ବରିଷ୍ଠ ଶିକ୍ଷକମାନଙ୍କୁ ଏଥିରେ ଅଣଦେଖା କରାଯାଇଛି ବୋଲି ସେ କହିଛନ୍ତି। କିଛି ଶିକ୍ଷକ ଏହି ଅନିୟମିତତାକୁ ଚାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହେବା ପାଇଁ ସଜବାଜ ହେଉଥିବାବେଳେ ଆଉ କିଛି ଶିକ୍ଷକ ସିବିଆଇ ତଦନ୍ତ କଲେ ଏହାର ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି।

■ ଦୁଇ ମାସ ହେବ ହଷ୍ଟେଲରେ ନାହିଁ ବିଦ୍ୟୁତ୍

# ଲଣ୍ଠନ ଆଲୁଅରେ ପାଠ ପଢୁଛନ୍ତି ପିଲା

**ମୁନିଗୁଡା, ୨୩।୧୦(ଡି.ଏନ୍.ଏ.)–** ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଉପଯୁକ୍ତ ଶୈକ୍ଷିକ ବାତାବରଣ ଦେବାକୁ ଛାତ୍ରୀଛାତ୍ରମାନଙ୍କ ପାଇଁ ରହିବା ଓ ଖାଇବା ସହ ସମସ୍ତ ସୁବିଧା ଦିଆଯାଉଛି। କିନ୍ତୁ ଏହି ଯୋଜନା ସବୁ ଠିକ୍‌ଭାବେ କାର୍ଯ୍ୟକାରୀ ହେଉନି। ମୁନିଗୁଡ଼ାଠାରେ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଏକ ହଷ୍ଟେଲରେ କରେଣ୍ଟ ନ ଥିବାରୁ ପିଲାମାନେ ଅନ୍ଧାରରେ ରହୁଛନ୍ତି। ସନ୍ଧ୍ୟା ବେଳେ ପିଲାମାନେ ଲଣ୍ଠନ ଆଲୁଅରେ ପାଠ ପଢୁଛନ୍ତି।



ପିଲାମାନେ ଲଣ୍ଠନ ଆଲୁଅରେ ପାଠ ପଢୁଛନ୍ତି।

ଆଦିବାସୀ ଉନ୍ନୟନ ବିଭାଗ ତରଫରୁ ଚାଲିଥିବା ଏହି ହଷ୍ଟେଲରେ ୪୦ ଜଣ ଛାତ୍ର ରହୁଛନ୍ତି। ସେମାନେ କୁମୁଡାବାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢନ୍ତି। ସରକାରଙ୍କ ଅନେକ ଯୋଜନା ସତ୍ତ୍ୱେ ଏଠାକୁ ବିଦ୍ୟୁତ୍ ସଂଯୋଗ ମିଳିପାରିନି। ପୂର୍ବରୁ ଏହି ହଷ୍ଟେଲକୁ ଅସ୍ଥାୟୀ ଭାବେ ବିଦ୍ୟୁତ ଯୋଗାଇ ଦିଆଯାଇଥିଲା। କିନ୍ତୁ ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଏଠାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଫଳରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନେ ପିଲାମାନେ ବିଶେଷ ଭାବେ ଅସୁବିଧା ଭୋଗିଥିଲେ। ଫ୍ୟାନ ଚାଲୁ ନ ଥିବାରୁ ଗରମରେ ଦିନ କାଟିବାକୁ ପଡୁଥିଲା। କରେଣ୍ଟ ନ ଥିବାରୁ ଚାର୍ଜ ଲାଇଟ୍ କିମ୍ବା ଲଣ୍ଠନ ଲଗାଇ ପାଠ ପଢିବାକୁ ହେଉଛି ବୋଲି ଅନ୍ତେବାସୀ କହିଛନ୍ତି। ସନ୍ଧ୍ୟା ହେଲେ ମଶା ଲାଗୁଛନ୍ତି। ରାତିରେ ଶୌଚ ଲାଗିଲେ ପାଇଖାନା ପର୍ଯ୍ୟନ୍ତ ଚାର୍ଜ ଲାଇଟ୍ ନେଇ ଯିବାକୁ ପଡୁଛି। ଏହାଦ୍ୱାରା ଆମେ ନିଜକୁ ଅସୁରକ୍ଷିତ ମନେକରୁଛୁ ବୋଲି ଛାତ୍ରମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ହଷ୍ଟେଲରେ ଏପରି ଅବ୍ୟବସ୍ଥାକୁ ନେଇ ଅଭିଭାବକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆମେ ଆମ ପିଲାଙ୍କୁ ହଷ୍ଟେଲରୁ ଘରକୁ ନେଇଯିବୁ ବୋଲି ସେମାନେ କହିଛନ୍ତି। ଏନେଇ ହଷ୍ଟେଲ ଦାୟିତ୍ୱରେ ଥିବା ତଥା ପ୍ରଧାନ ଶିକ୍ଷକ ବୃନ୍ଦାବନ ମାଣ୍ଡିକାଙ୍କୁ ପଚାରିବାରୁ ହଷ୍ଟେଲରେ ଦୁଇ ମାସରୁ ଉର୍ଦ୍ଧ୍ୱ ଦିନ ଧରି ବିଦ୍ୟୁତ ନ ଥିବାରୁ ନିଶ୍ଚିତ ଭାବେ ଛାତ୍ରମାନେ ବହୁ ଅସୁବିଧାରେ ରହୁଛନ୍ତି। ଏହି ସମସ୍ୟାକୁ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ କି ବିଦ୍ୟୁତ ସଂଯୋଗ ମଧ ହୋଇପାରିନାହିଁ ବୋଲି ସେ କହିଛନ୍ତି। ଏନେଇ ମୁନିଗୁଡା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁଙ୍କୁ ପଚାରିବାରୁ ସେ ବିଷୟରେ ଅବଗତ ଅଛନ୍ତି। ଶୀଘ୍ର ହଷ୍ଟେଲରେ ବିଦ୍ୟୁତ ସଂଯୋଗ କରାଯିବ ବୋଲି ସେ କହିଛନ୍ତି।

# ଅଣ୍ଡା ତରକାରି ଯୋଗୁ ଘଟିଥିଲା ହତ୍ୟାକାଣ୍ଡ

## ବୈଠକରେ ଛୁରାମାଡ଼ ଘଟଣା

- ସାଇଣ୍ଟିଫିକ ଟିମ୍‌ର ତନାଘନା
- ଛୁରି ଜବତ, ଗ୍ରାମରେ ପୋଲିସ ମୁତୟନ
- ଚିକିତ୍ସାଧୀନ ୪ ଜଣଙ୍କୁ କୋରାପୁଟ ସ୍ଥାନାନ୍ତର



କାଲିମେଲା,୨୩।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ କଇମେଟଲା ପଞ୍ଚାୟତର ଏମପିଭି-୩୩ ଗ୍ରାମରେ ମଙ୍ଗଳବାର ରାତିରେ ଘଟିଥିବା ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ବୁଧବାର ପଦାକୁ ଆସିଛି। ଅଭିଯୁକ୍ତ ବିଧାନ ମିର୍ଦ୍ଧା ୨ ଜଣଙ୍କୁ ବିବାହ କରିଥିଲେ। ଦୁଇ ସଉତୁଣୀଙ୍କ ମଧ୍ୟରେ ଘଟଣା ଦିନ ଅଣ୍ଡା ତରକାରିକୁ ନେଇ ପାଟିତୁଣ୍ଡ ଲାଗିଥିଲା। ଏହି ବିବାଦ ତୁଟାଇବା ଲାଗି ଗ୍ରାମରେ ସନ୍ଧ୍ୟାରେ ନିଜ ଘରେ ବୈଠକ ବସିଥିଲା। ଏହି ବୈଠକରେ ହିଁ ବିଧାନ ୬ଜଣଙ୍କୁ ଛୁରି ମାରି ଗୁରୁତର କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ୪ଜଣ ଗ୍ରାମ ସଭାପତି ସଚିନ ମିସ୍ତ୍ରି, ଅଞ୍ଜୁ ସାନା, ମନୋରଞ୍ଜନ ମଣ୍ଡଳ ଓ ସୁମିତ୍ରା ରାୟ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ଗ୍ରାମରେ ୫ଜଣିଆ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁଧାନ କରିଛନ୍ତି। ସେମାନେ ଘଟଣାରେ ବ୍ୟବହୃତ ଛୁରି ଜବତ କରିବା ସହ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା କରିଥିବା ଜଣାପଡିଛି।

ଅଭିଯୁକ୍ତ ବିଧାନ ଓ ତାଙ୍କ ସ୍ତ୍ରୀ କଳ୍ପନାଙ୍କୁ ଗ୍ରାମବାସୀ ମାଡ ମାରି ଗୁରୁତର କରିଛନ୍ତି। ଉଭୟେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ଗୁରୁତ୍ୱକୁ ନେଇ ଏମଭି-୩୩ ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି । ମୃତ୍ୟୁବରଣ କରିଥିବା ବିଶ୍ୱନାଥ ରାୟ ଓ ମାଧୁରୀ ରାୟଙ୍କ ମୃତଦେହକୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି। ଗ୍ରାମର ରଜନୀକାନ୍ତ ମଣ୍ଡଳଙ୍କ ଏତଲାକୁ ଭିତ୍ତି କରି କାଲିମେଲା ପୋଲିସ ଏହାର ତଦନ୍ତ ଜାରି ରଖିଛି। ଗ୍ରାମବାସୀଙ୍କଠାରୁ ଜଣାପଡିଛି ଯେ, ବିଧାନଙ୍କର ସୁଚିସ୍ମା ଓ କଳ୍ପନା ନାମ୍ନୀ ୨ ଜଣ ସ୍ତ୍ରୀ ଅଛନ୍ତି। ମଙ୍ଗଳବାର ଘରେ ଅଣ୍ଡା ତରକାରୀ ଖାଇବାକୁ କେନ୍ଦ୍ର କରି ଦୁଇ ସଉତୁଣୀଙ୍କ ମଧ୍ୟରେ କଳି ଲାଗିଥିଲା। ଏହାକୁ ନେଇ କଳ୍ପନା ସୁଚିସ୍ମାଙ୍କୁ ମାଡ ମାରିଥିଲେ। ଏ ବିଷୟରେ ସୁଚିସ୍ମା ଗ୍ରାମର ଏସଏସଜି ମହିଳାମାନଙ୍କୁ ଡାକି ଘଟଣା ସମ୍ପର୍କରେ କହିବା ସହ ଏହାର ସମାଧାନ ପାଇଁ କହିଥିଲେ। ଗ୍ରାମର କିଛି ମହିଳା ବିଧାନଙ୍କ ଘରେ ବୈଠକ କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥିଲେ। ଏହି ସମୟରେ ବିଧାନ ଘରେ ନ ଥିଲେ । ବୈଠକ ଚାଲିଥିବା ସମୟରେ ସେ ପହଞ୍ଚି ଏହାକୁ ନାପସନ୍ଦ କରି ଏସଏସଜି ମହିଳାମାନଙ୍କୁ ଚାଲିଯିବାକୁ କହି ଭିତର ଘରକୁ ଚାଲିଯାଇଥିଲେ। ମାତ୍ର ବୈଠକରେ ବିଧାନକୁ ବୈଠକରେ ଉପସ୍ଥିତ ରହିବା ପାଇଁ ମହିଳାମାନେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏହା ପରେ ବିଧାନ ଥିବା ଘର ଭିତରକୁ ୨ଜଣ ମହିଳା ପଶି ବିଧାନଙ୍କୁ ବୈଠକ ସ୍ଥାନକୁ ଆଣିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିଧାନ ମହିଳାମାନଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ମହିଳାମାନଙ୍କ ଚିତ୍କାର ଶୁଣି ଅନ୍ୟ କେତେକ ମହିଳା ଓ ପୁରୁଷ ସେଠାରେ ପହଞ୍ଚିଥିଲେ। ବିଧାନ ସମସ୍ତଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଥିଲେ। ପରେ ଗ୍ରାମବାସୀ ବିଧାନଙ୍କୁ କାବୁ କରି ନିସ୍ତୁକ ମାଡ ମାରିଥିଲେ। ସ୍ତ୍ରୀ କଳ୍ପନା ମଧ୍ୟ ଲୋକଙ୍କ ଆକ୍ରୋଶରୁ ବର୍ତ୍ତି ନ ଥିଲେ। ତାଙ୍କୁ ମଧ୍ୟ ଲୋକେ ମାଡ ମାରିଥିଲେ। ଏବେ ବିଧାନ ଓ କଳ୍ପନା ମାଲକାନଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । କାଲିମେଲା ଭାରପ୍ରାପ୍ତ ଥାନା ଅଧିକାରୀ ଶେଷଦେବ ବେହେରା ଏହି ଘଟଣାର ତଦନ୍ତ କରୁଥିବା ବେଳେ ଏଏସଆଇ ଗୋବିନ୍ଦ ପାତ୍ର ସହାୟତା କରୁଛନ୍ତି। ଥାନାରେ ୧୬୬/୧୯ରେ ଏକ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତ ବିଧାନ ଓ କଳ୍ପନା ସୁସ୍ଥ ହେବା ପରେ ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି।

## ସଂକ୍ଷେପରେ



### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୨୩।୧୦ (ଡି.ଏନ୍.ଏ.): ମାଲକାନଗିରି ଜିଲାରେ ଦୀର୍ଘ ୪୦ ବର୍ଷ ଶିକ୍ଷକତା କରିଥିବା ପ୍ରମୋଦ କୁମାର ସାମଲଙ୍କୁ ଜିଲା ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ସଭାପତି ରିତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ପତିତପାବନ ଦାସ, ନାରାୟଣ ଚନ୍ଦ୍ର ଭୋଳ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ଗାୟତ୍ରୀ ଦେବୀ ଓ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସାମଲ ଜିଲାରେ ଦୀର୍ଘ ୪୦ ବର୍ଷର ଶିକ୍ଷକତା କରି ଶିକ୍ଷକ ସଙ୍ଗଠନର ଜଣେ ବରିଷ୍ଠ କର୍ମକର୍ତ୍ତା ଭାବେ କାର୍ଯ୍ୟ କରିଛନ୍ତି। ଶିକ୍ଷକମାନଙ୍କ ବହୁବିଧ ସମସ୍ୟାକୁ ସେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ତାହାର ସମାଧାନରେ ବିଶେଷ ଭୂମିକା ଗ୍ରହଣ କରୁଥିଲେ। ଅବସର ପରେ ମଧ୍ୟ ମାଲକାନଗିରି ଶିକ୍ଷା ବିଭାଗ ଏବଂ ଶିକ୍ଷକ ସମାଜ ତାଙ୍କୁ ମନେ ରଖିବେ । ଏହି କାର୍ଯ୍ୟକ୍ରମରେ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଆହାର କେନ୍ଦ୍ର ପରିଦର୍ଶନ

ମାଲକାନଗିରି, ୨୩।୧୦(ଡି.ଏନ.ଏ.): ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ବୁଧବାର ରାତିରେ ବସ୍‌ଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହ ପୌର ନିର୍ବାହୀ ଅଧିକାରୀ ଏମ. ନିଳକଣ୍ଠ ନାଇଡୁ ଯାଇଥିଲେ। ଉଭୟେ ଆହାରକେନ୍ଦ୍ରର ଗୋଦାମ ପରିଦର୍ଶନ କରିବା ସହ ସେଠାରେ ଥିବା ଚାଉଳ ଓ ଡାଲିର ମାନ ଯାଞ୍ଚ କରିଥିଲେ। ପରେ ଜିଲାପାଳ ଆହାର କେନ୍ଦ୍ର ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ୬ଟି ଏସି ଏବଂ ଗୋଟିଏ ଜଳ ବିଶୋଧକ ମେଶିନ ଲଗାଇବାକୁ ପରାମର୍ଶ ଦେଇଥିଲେ।

### ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ




କାଲିମେଲା,୨୩।୧୦(ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଲା ଅନ୍ତର୍ଗତ ଭେଙ୍କଟାପଲମ ପଞ୍ଚାୟତର ଏମପିଭି-୨୯ ରବିନ୍ଦ୍ରନାଥ ବିଦ୍ୟାପୀଠରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଶୃଙ୍ଖଳାଗତ ଖେଳକୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକର ୨୩ ପଞ୍ଚାୟତରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ମୁଖ୍ୟଅତିଥି, ଭେଙ୍କଟାପଲମ ସରପଞ୍ଚ ଦେବା ମାଡକାମି, ବିଇଓ ଗଙ୍ଗାଧର ପଟ୍ଟନାୟକ, ଏବିଇଓ ଚିନ୍ତାହରଣ ମଧୁ, ଶମ୍ଭୁନାଥ ବାରିକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କତୀ ଛାତ୍ରୀଛାତ୍ରମାନେ ଆସନ୍ତା ୨୫,୨୬ରେ ବାଲିମେଳାରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡାରେ ଭାଗ ନେବେ।

### ଏଟିଏମ୍ ଅଚଳ, ଲୋକେ ହଇରାଣ

ଚିତ୍ରକୋଣ୍ଡା,୨୩।୧୦(ଡି.ଏନ.ଏ.)- ଚିତ୍ରକୋଣ୍ଡା ସରକାରୀ କଲୋନୀଠାରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ ଗତ ୩ଦିନ ହେଲା ଅଚଳ ହୋଇପଡିଛି। ଫଳରେ ଲୋକେ ଟଙ୍କା ଉଠାଇବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରୁ ଏଟିଏମ ରୁମକୁ ହୋଇଥିବା ବିଦ୍ୟୁତ୍ ସଂଯୋଗର କୌଣସି ସ୍ଥାନରେ ତ୍ରୁଟି ଯୋଗୁ ଏପରି ସମସ୍ୟା ହୋଇଥିବା ଜଣାପଡିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏନେଇ ବିଭାଗୀୟ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏଟିଏମ୍ ସଜାଡିବାକୁ ସାଧାରଣରେ ଦାବି ହେଉଛି।



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ବିଶ୍ୱ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ପାଇଁ ପ୍ରସ୍ତୁତି

ମାଲକାନଗିରି,୨୩।୧୦ (ଡି.ଏନ୍.ଏ.)

ଆସନ୍ତା ଅକ୍ଟୋବର ୨୯ରେ ବିଶ୍ୱ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ପାଇଁ ମାଲକାନଗିରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଜିଲା ଜରୁରିକାଳୀନ ଅଧିକାରୀ ତଥା ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ନାୟକଙ୍କ ସହ ସମସ୍ତ ବିଭାଗର ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୨୯ ତାରିଖ ପୂର୍ବରୁ ଜିଲାର ୭ଟି ବ୍ଲକରେ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ହେବ। ୨୯ ତାରିଖ ପୂର୍ବାହ୍ନରେ ଜିଲା ସଦର ମହକୁମାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହେବ । ପରେ ଡିଗ୍ରୀ କଲେଜ ପରିସରରେ ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ କରାଯିବ। ପରେ ଅନୁଷ୍ଠିତ ହେବାକୁ ଥିବା ସଭାରେ ପ୍ରାକୃତିକ ବିପର୍ଯ୍ୟୟ ରୋକାଯିବା କ୍ଷେତ୍ରରେ ଜନସାଧାରଣ, ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ଅଗ୍ନିଶମ ଓ ଓଡ୍ରାଫ୍ ଦଳର ଭୂମିକା ସମ୍ପର୍କରେ ଆଲୋଚନା ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ମଣ୍ଡିରେ ପାନୀୟଜଳ ବ୍ୟବସ୍ଥାକୁ ଉଦ୍‌ଘାଟନ କଲେ ଜିଲାପାଳ



ନଳକୂଅ ବ୍ୟବସ୍ଥାର ଉଦ୍‌ଘାଟନ କରୁଛନ୍ତି ଜିଲାପାଳ।

- ମଣ୍ଡି ପୂର୍ବରୁ ୩୦ ସ୍ଥାନରେ ଖୋଳାଯିବ ନଳକୂପ
- ପାଠ ପଢୁ ନ ଥିବା ୧୨ ପିଲାଙ୍କୁ ଭେଟିଲେ
- ବିଦ୍ୟାଳୟ ସମ୍ପର୍କରେ ଖୋଲତାଡ କଲେ

ମାଲକାନଗିରି,୨୩।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ୪୨ଟି ମାର୍କେଟ କମ୍ପ୍ଲେକ୍ସରେ ପାନୀୟ ଜଳ ସୁବିଧା ପାଇଁ ବୁଧବାର ନଳକୂପ ଖନନ ଆରମ୍ଭ ହୋଇଛି। ଜିଲାପାଳ ମନୀଷ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଛନ୍ତି। ମାଲକାନଗିରି ସଦର ବ୍ଲକ ତଣ୍ଡାପାଲି ପଞ୍ଚାୟତ ସଦର ମହକୁମାସ୍ଥିତ ନିୟନ୍ତ୍ରିତ ବଜାର କମିଟିର ଧାନ ମଣ୍ଡିଠାରେ ଏହି ନଳକୂପ ଖନନ କରାଯାଉଛି। ଜିଲାରେ ଥିବା ୪୨ଟି ନିୟନ୍ତ୍ରିତ ବଜାର କମିଟିର ଧାନମଣ୍ଡି ସ୍ଥଳରେ ପୂର୍ବରୁ ୧୨ଟି ସ୍ଥାନରେ ନଳକୂପ ଖନନ କରାଯାଇଛି। ମଣ୍ଡି ଖୋଲିବା ପୂର୍ବରୁ ୩୦ଟି ସ୍ଥାନରେ ନଳକୂପ ଖନନ କରାଯିବ ବୋଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକଙ୍କ ସହ ଉଦୟଭାନୁ ପାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ତଣ୍ଡାପାଲି ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବିଦ୍ୟାଳୟଠାରୁ ୧୦୦ ମିଟର ଦୂରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ଜିଲାପାଳ ଗ୍ରାମର ୧୦/୧୨ଜଣ ୧୪ ବର୍ଷରୁ କମ୍ ବୟସର ବାଳିକା ବାଳକ ବୁଲୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେମାନେ କାହିଁକି ପାଠ ପଢିବାକୁ ଆଜି ଯାଇନାହାନ୍ତି। ସେମାନଙ୍କ ନାମ ବିଦ୍ୟାଳୟରେ ଅଛି କି ନାହିଁ ବୋଲି ଗ୍ରାମବାସୀଙ୍କଠାରୁ ଜାଣିବାକୁ ଚାହିଁଥିଲେ। ଏହି ପିଲାମାନେ ବିଦ୍ୟାଳୟରେ ପଢୁ ନ ଥିବା ଗ୍ରାମବାସୀଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଜିଲାପାଳ ଏହି ବିଦ୍ୟାଳୟରେ କେତେ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। କେତେଜଣ ଛାତ୍ରୀଛାତ୍ର ଆସୁଛନ୍ତି। ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ବୋଲି ଜାଣିବାକୁ ଚାହିଁଥିଲେ। ସେ ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ଯୋଜନାରେ କୌଣସି ପିଲା ଯେପରି ପାଠପଢାରୁ ବଞ୍ଚିତ ହେବେ ନାହିଁ। ଅଧାରୁ ପାଠ ଛାଡିଥିବା ୧୮ ବର୍ଷରୁ କମ୍ ବୟସର ବାଳିକା ବାଳକଙ୍କୁ ପୁନର୍ବାର ଶିକ୍ଷା ଦେବାପାଇଁ ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଏପରି ସ୍ଥଳେ ତଣ୍ଡାପାଲି ପଞ୍ଚାୟତରେ ୧୦/୧୨ ଜଣ ପିଲା ପାଠପଢୁ ନ ଥିବା ନେଇ ଜିଲାପାଳ ଜାଣିବା ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ଯୋଜନା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି।



### ଗୋଦାବରୀ ନଦୀରେ ବୋଟ୍ ବୁଡି ଘଟଣା
### ୩୮ ଦିନ ପରେ ବୋଟ୍‌ରୁ ଉଦ୍ଧାର ହେଲା ୮ ମୃତଦେହ

ମାଲକାନଗିରି,୨୩।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶ ପୂର୍ବ ଗୋଦାବରୀ ଜିଲା ଦେବୀପଟନମ୍ ବ୍ଲକ ଅନ୍ତର୍ଗତ କଚୁଲୁରୁ ଗ୍ରାମ ନିକଟସ୍ଥ ଗୋଦାବୀର ନଦୀରେ ଗତ ସେପ୍ଟେମ୍ବର ୧୫ରେ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ପାଣିରେ ବୁଡିଯାଇଥିଲା। ଉକ୍ତ ବୋଟରେ ୭୭ଜଣ ପର୍ଯ୍ୟଟକ ନଦୀ ମଧ୍ୟରେ ଥିବା ଟାପୁରେ ମଧ୍ୟାହ୍ନଭୋଜନ କରିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁଃଘଟଣା ସ୍ଥଳରୁ ୨୬ଜଣଙ୍କୁ କଚୁଲୁରୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ୫୧ ଜଣ ପାଣିରେ ବୁଡି ଯାଇଥିଲେ। ତେବେ ଦୀର୍ଘ ଏକମାସ ଖୋଜାଖୋଜି ପରେ ଗତ ୧୫ ତାରିଖ ସୁଦ୍ଧା ୩୯ ଜଣଙ୍କ ମୃତଦେହ ମିଳିଥିଲା। ମଙ୍ଗଳବାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ୧୦ଜଣ ଡ୍ରାଇଭର, ଇଞ୍ଜିନିୟର ଏବଂ ବୁଡାଳି ଦଳ କାର୍ଯ୍ୟରେ ଲାଗିଥିଲେ। ଅପରାହ୍ନରେ ଲୁହାର ଦୌଡି ସାହାଯ୍ୟରେ କ୍ରେନ୍ ମାଧ୍ୟମରେ ବୁଡିଥିବା ବୋଟ୍‌କୁ ଠାବ କରି ପାଣି ଭିତରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ବୋଟ ଭିତରୁ ଆଉ ୮ ମୃତଦେହ ମିଳିଥିଲା। ତେବେ ଆଉ ୪ଜଣଙ୍କ କୌଣସି ପତ୍ତା ଏଯାଏ ମିଳିନାହିଁ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

ଖଇରପୁଟ, ୨୩।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର କସ୍ତୁରବା ବାଳିକା ବିଦ୍ୟାଳୟଠାରେ ବୁଧବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶଶିଭୂଷଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୯ଟିପଞ୍ଚାୟତରୁ ୧୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜୁନିୟର ଓ ସିନିୟର ବିଭାଗରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ ଓଡ଼ିଆ ହସ୍ତାକ୍ଷର ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିବିଭାଗରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ସହ ଶିକ୍ଷାଧିକାରୀ ଶିବାନୀ ମୁଦୁଲିଙ୍କ ସହ ୯ଟି ପଞ୍ଚାୟତର ଆଞ୍ଚଳିକ ସାଧନକର୍ମୀମାନେ ଉପସ୍ଥିତ ଥିଲେ।

# ଅନ୍ଧବିଶ୍ୱାସ ଦୂରୀକରଣ ନେଇ ଆଲୋଚନାଚକ୍ର

ଚିତ୍ରକୋଣ୍ଡା,୨୩।୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ଆମ୍ବେଡକର ଜୟନ୍ତୀ ପାଳନ କମିଟି ପକ୍ଷରୁ ଓଡିଶା ମାନବବାଦୀ ହେତୁବାଦୀ ସଙ୍ଗଠନ ସହଯୋଗରେ ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଅନ୍ଧ ବିଶ୍ୱାସ ଦୂରୀକରଣ ଓ ବୈଜ୍ଞାନିକ ମନୋଭାବର ଆବଶ୍ୟକତା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡିଶା ମାନବବାଦୀ ହେତୁବାଦୀ ସଙ୍ଗଠନର ଭାଲଚନ୍ଦ୍ର ଷଡଙ୍ଗୀ, ବିଜୟ ଉପାଧ୍ୟାୟ, ରାଜା ସୁରେଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଆଗାମୀ ପିଢ଼ିକୁ କିପରି ବୈଜ୍ଞାନିକ ମନୋଭାବ ନେଇ ଗଢାଯାଇପାରିବ ଏବଂ ମଣିଷ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ପରିପ୍ରକାଶ ହେଲେ ଅନ୍ଧବିଶ୍ୱାସ ଦୂର ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ଆମ୍ବେଡକର ଜୟନ୍ତୀ କମିଟିର ରାଧା ମଣ୍ଡଳ, ଶିବପ୍ରସାଦ ଖରା, ଡମ୍ବରୁ ହରିଜନ, ଭୀମ ନାୟକ, ଦେବବ୍ରତ ବେହେରା, ହେମନ୍ତ ଦଳପତି, ବିଦେଶୀ ଗୌଡ଼ ପରିଚାଳନା କରିଥିଲେ।



ଗ୍ରାମ ପରିବେଶକୁ ସଫା କରାଯାଉଛି।

- ଏମ୍‌ଭି-୯୦ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ

# ୨ ତହସିଲଦାର, ବ୍ଲକ ଅଧ୍ୟକ୍ଷ ସାମିଲ

କାଲିମେଲା,୨୩।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ପଞ୍ଚାୟତର ଏମଭି-୯୦ ଗ୍ରାମରେ ପରିବେଶ ସଫା ରଖିବା ଉଦ୍ଦେଶ୍ୟରେ ଏକ ସଫେଇ କାର୍ଯ୍ୟକ୍ରମ ଗ୍ରାମର ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଲିମେଳା ତହସିଲଦାର ଉମା ଶଙ୍କର ଦଳାଇ, ଛୁଟିରେ ଗାଁକୁ ଆସିଥିବା ନବରଙ୍ଗପୁର ଜିଲା ଉମରକୋଟ ତହସିଲଦାର ଧର୍ମରାଜ ମାଝି ଏବଂ କାଲିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଡି ସାମିଲ ହୋଇଥିଲେ। ରାସ୍ତାଘାଟ,ନାଳ ନର୍ଦ୍ଦମା ସଫା କରି ଏହି ଦୁଇ ତହସିଲଦାର ଓ ବ୍ଲକ ଅଧ୍ୟକ୍ଷ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ । ଗ୍ରାମର ଅନୁପ ଶାହା, ସୁଜୟ ମିସ୍ତ୍ରି ବିଷ୍ଣୁ ସରକାର, ସୁକାନ୍ତ ମଜୁମଦାର, ସଞ୍ଜିତ ମଲ୍ଲିକ, ସୁଜିତ ଅଧିକାରୀ, ବିକାଶ ସରକାର, ଆଶୁ ବୈରାଗୀ, ଗୌତମ ଶାହା, ଗୋବିନ୍ଦ ଗୌରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ଏମଭି-୯୦ ଗ୍ରାମର ବଜାର ସାହିର ବିଭିନ୍ନ ସ୍ଥାନରେ ଗଦା ହୋଇଥିବା ଅଳିଆ ସଫା କରିବା ସହ ନିଆଁ ଲଗାଇ ପୋଡି ଦେଇଥିଲେ। ଲୋକମାନଙ୍କୁ ଅଳିଆ ଏଣେତେଣେ ନ ପକାଇବା ପାଇଁ ପରାମର୍ଶ ଦେଇଥିଲେ।

- ୮୦ ବର୍ଷ ବୟସରେ ସଂଘର୍ଷ କରୁଛନ୍ତି

# ଅଦରକାରୀ କାଗଜ ସଂଗ୍ରହ କରି ବିକି ଚଳୁଛନ୍ତି

ମାଲକାନଗିରି,୨୩।୧୦ (ଡି.ଏନ୍.ଏ.)

ପରିବାରରେ ମାଆବାପା ପରିଣତ ବୟସରେ ଶାନ୍ତିରେ ଜୀବନ କାଟିବା, ଭଲ ଖାଇବା ପାଇଁ ପୁଅ ବୋହୂଙ୍କ ଉପରେ ନିର୍ଭର କରିଥାନ୍ତି। ମାତ୍ର ଜଣେ ୮୦ ବର୍ଷର ବୃଦ୍ଧ ସଂଘର୍ଷ କରି ନିଜ ପରିବାରର ଭରଣପୋଷଣ କରୁଛନ୍ତି ତାହା ଦେଖିବାକୁ ମିଳିଛି ମାଲକାନଗିରି ସହରରେ । ସଦର ମହକୁମାସ୍ଥିତ ଚିଦାନନ୍ଦ ସାହିର ଦୁଃଖୀ ଗୌଡଙ୍କ କ୍ଷେତ୍ରରେ ଏହା ଘଟିଛି। ବୟସ ୮୦ ହେଲାଣି, ଆଖିକୁ ଭଲ ଦେଖାଯାଉ ନାହିଁ କି କାନକୁ କିଛି ଶୁଭୁନାହିଁ। ସ୍ତ୍ରୀ ଜାନକୀ ଗୌଡ (୭୮)ଙ୍କ ଅବସ୍ଥା ମଧ୍ୟ ସମାନ। କାମଧନ୍ଦା କରିବାରେ ବୟସ ବାଧକ ସାଜିଛି। ପରିବାର ଚଳାଇବା ପାଇଁ ଦୁଃଖୀ ପ୍ରତିଦିନ ସକାଳୁ ସହରରେ ଏଣେତେଣେ ପଡିଥିବା ଅଦରକାରୀ କାଗଜପତ୍ର ସଂଗ୍ରହ କରି ଗୋଟିଏ ଜାଗାରେ ଠୁଳ କରି ରଖନ୍ତି। ପରେ ଏହାକୁ ବସ୍ତାରେ ପୂରାଇ ମୁଣ୍ଡରେ ବୋହିବାକୁ ବଳ ନ ଥିବାରୁ ଏକ ରଶିରେ ବସ୍ତା ମୁହଁ ବାନ୍ଧି ଘୋଷାରି ଘୋଷାରି ଜଣେ ବ୍ୟବସାୟୀଙ୍କ ନିକଟକୁ ନେଇ ବିକ୍ରି କରନ୍ତି। ଏଥିରୁ ତାଙ୍କୁ ୩୦/୪୦ ଟଙ୍କା ମିଳେ। ଦୁଃଖୀ କହନ୍ତି ଏ ବୟସରେ ତାଙ୍କୁ ପରିବାର ଚଳାଇବା ଲାଗି ଚିନ୍ତା କରିବାକୁ ପଡୁଛି। ତାଙ୍କର ଦୁଇ ପୁଅ, ବଡପୁଅ ଡମ୍ବୁ ଗୌଡ ଓ ସାନପୁଅ ଶିବ ଗୌଡ। ୨୦ ବର୍ଷ ହେଲା ବଡପୁଅ ପାଗଳ ହୋଇଯାଇ କେଉଁଆଡେ ପଳାଇଛି। ୩/୪ ବର୍ଷ ଧରି ତାକୁ ବହୁତ ଖୋଜାଖୋଜି କଲି। କୋଉଠି ଅଛି, କ'ଣ କରୁଛି କିଛି ଠିକଣା ତାର ପାଇଲିନି। ବର୍ତ୍ତମାନ ସେ ଜୀବିତ କି ମୃତ ତାହା ମଧ୍ୟ ଜାଣିନି। ସାନପୁଅ ଶିବ ବିବାହ ପରେ ସ୍ତ୍ରୀକୁ ନେଇ ଅଲଗା ରହୁଛି। ଅଟୋ ଚଲାଇ ରୋଜଗାର କରୁଥିଲା । ବର୍ତ୍ତମାନ ସେ ମଧ୍ୟ ରୋଗାକ୍ରାନ୍ତ ହୋଇ ଘରେ ବସିଛି। ଦୁଇଜଣ ନାତି ଜଣେ ନାତୁଣୀ ଅଛନ୍ତି ତାଙ୍କର। ବଡନାତି ରୋହିତ ଦଶମ ଶ୍ରେଣୀରେ ପାଠ ପଢୁଛି। ଅଭାବ, ଦାରିଦ୍ର୍ୟତା ଯୋଗୁ ଗୋଟିଏ ନାତି ଓ ନାତୁଣୀଙ୍କୁ ପାଠ ପଢାଇପାରୁନାହାନ୍ତି ତା'ମାଆବାପା। ମୋତେ ମାସକୁ ୭୦୦ ଟଙ୍କା ଭତ୍ତା ମିଳୁଥିଲେ ମଧ୍ୟ ଏଥିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି କହନ୍ତି ଦୁଃଖୀ। ଯଦି ସରକାର ଆମକୁ ଖଣ୍ଡେ ବାସଗୃହ ଯୋଗାଇ ଦେବା ସହ କିଛି ସହାୟତା କରନ୍ତେ ମୋ ପରିବାର ଅଭାବ ଅନଟନରୁ ମୁକୁଳନ୍ତା ବୋଲି ଲୁହ ଛଳଛଳ ଆଖିରେ କହନ୍ତି ଦୁଃଖୀ। ଦୁଃଖୀଙ୍କ ପରି ଜଣେ ବରିଷ୍ଠ ନାଗରିକଙ୍କ ପ୍ରତି ଜିଲା ପ୍ରଶାସନ ସହାୟତାର ହାତ ବଢାଇବା ପାଇଁ ସାଧାରଣରେ ମତ ପ୍ରକାଶ ପାଉଛି।



ଗୋଟାଇ ଥିବା କାଗଜକୁ ଦୁଃଖୀ ବିକ୍ରି କରିବାକୁ ନେଉଛନ୍ତି।

## ସଂକ୍ଷେପରେ



### ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

**କୋରାପୁଟ,୨୩।୧୦(ସ୍ୱ.ପ୍ର):** ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ବୁଧବାର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଧାନ ଟୁଲିଆମ୍ମା, ସହକାରୀ ଜିଲାପାଳ ଅଶୋକ କୁମାର କର୍ଣ୍ଣ, ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁମନ ରାଉତ ,କୋଟପାଡର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଂଶୁମାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ବିଭାଗ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ କୋରାପୁଟ ସେଣ୍ଟସ ସ୍କୁଲ ଛାତ୍ରୀ ପି. ଚନ୍ଦ୍ରିକା ପ୍ରଥମ, ସ୍ମୃତି ସଂପ୍ରତି ଟାକ୍ରୀ ଦ୍ୱିତୀୟ ଏବଂ ସ୍ୱାମୀ ବନଭାରତୀ ବିଦ୍ୟାଳୟ ଛାତ୍ରୀ ଏମ. ହର୍ଷିତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀ ଶର୍ମିଷ୍ଠା ସାହୁ ପ୍ରଥମ, ପୋଲିସ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ ଦାସ ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଆଲିଶା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ କୋରାପୁଟ ସରକାରୀ ମହାବିଦ୍ୟାଳୟର ଅଜିତ କୁଲଦୀପ ପ୍ରଥମ, ଜବାହାର ନବୋଦୟ ବିଦ୍ୟାଳୟର ବିଷ୍ଣୁପ୍ରିୟା ଜେନା ଦ୍ୱିତୀୟ ଏବଂ ଡିମ୍ପଲ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡିଆରେ ସେମିଲିଗୁଡା କଲେଜର କାମଦେବ ସାହୁ ପ୍ରଥମ, କୋରାପୁଟ ସରକାରୀ ମହାବିଦ୍ୟାଳୟର ତପସ୍ୱିନୀ ସାହୁ ଦ୍ୱିତୀୟ ଏବଂ ଜେଏନଭିର ଛାତ୍ରୀ ସ୍ମୃତିରେଖା ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ବିଜୟ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ ଦାୟିତ୍ୱ ପରିଚାଳନା କରିଥିଲେ।

### ଦୁର୍ଦ୍ଧାନ୍ତ ଅପରାଧୀ ସୁରେନ୍ଦ୍ର ଗିରଫ



**ଜୟପୁର,୨୩।୧୦(ଡି.ଏନ.ଏ /ନି.ପ୍ର):** କୋରାପୁଟ ଜିଲା ଜୟପୁର ସଦରଥାନା ପୋଲିସ ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉମୁରୀ ଗ୍ରାମର ସୁରେନ୍ଦ୍ର ନାୟକ ଏଲିଆସ ସିଙ୍ଘଲ। ଅଭିଯୁକ୍ତ ସୁରେନ୍ଦ୍ରଙ୍କ ନାମରେ କୋରାପୁଟ ଏବଂ ନବରଙ୍ଗପୁର ଜିଲାର ଥାନାରେ ବନ୍ଧୁକ ଦେଖାଇ ଅପହରଣ କରିବା, ଧମକ ଦେଇ ଟଙ୍କା ଆଦାୟ କରିବା ଭଳି ମାମଲା ରହିଥିଲା। ସୁରେନ୍ଦ୍ର ଏବଂ ଅନ୍ୟ ୭ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ୨୦୧୮ ମାର୍ଚ୍ଚ ୨୯ ତାରିଖରେ ଉମୁରୀ ଗ୍ରାମର ସୁରେଶ ବାଘଙ୍କୁ ସ୍ଥାନୀୟ ଷ୍ଟେଶସନ ଛକ ନିକଟରୁ ବନ୍ଧୁକ ଦେଖାଇ ଉଠାଇ ନେଇଥିଲେ। ତାଙ୍କୁ ଏକ ଘରେ ରଖିବା ସହିତ ମାଡମାରି ୮ହଜାର ଟଙ୍କା ଏବଂ ଏକ ସୁନାଚେନ ଲୁଟି ନେଇଥିଲେ। ଏଥିନେଇ ସଦରଥାନାରେ ଏକ ମାମଲା (୪୧/୧୮)ରୁଜୁ ହୋଇଥିଲା। ଏହା ପୂର୍ବରୁ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି। ସେହିପରି ସୁରେନ୍ଦ୍ର ନବରଙ୍ଗପୁର ସହରର ପ୍ରତିଷ୍ଠିତ ବ୍ୟବସାୟୀ ସୁନିଲ ସାହୁଙ୍କୁ ଅପହରଣ କରିବା ମାମଲାରେ ନବରଙ୍ଗପୁର ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିଲେ। ଗତ କିଛି ଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ଖବରପାଇ ସଦରଥାନା ପୋଲିସ ତାଙ୍କ ଘର ଉମୁରି ଗ୍ରାମରେ ଚଢାଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗୋଟିଏ ରାସ୍ତା, ୩ ଥର ଟଙ୍କା ମଞ୍ଜୁର

**ଜୟପୁର,୨୩।୧୦(ଡି.ଏନ.ଏ )**

## କଞ୍ଜେଇ ମାଲିଗୁଡା-ପଡାପଦର ଘାଟି ରାସ୍ତା

- ରାସ୍ତା ନିର୍ମାଣରେ ହରିଲୁଟ୍
- ତଦନ୍ତ ଦାବି କଲେ ଗ୍ରାମବାସୀ
- ଟଙ୍କା ମଞ୍ଜୁରର ୭ ବର୍ଷ ପରେ କାମ ଆରମ୍ଭ



ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଛି।

ଉନ୍ନତିମୂଳକ କାର୍ଯ୍ୟ ସହିତ ଶ୍ରମିକମାନଙ୍କ କର୍ମ ନିଯୁକ୍ତି ନେଇ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଏହି ଯୋଜନାରେ ଗୋଟିଏ ରାସ୍ତା ନିର୍ମାଣ ଲାଗି ୩ ଥର ଟଙ୍କା ମଞ୍ଜୁର ହୋଇଛି । ଏମିତି କି ଏହି ଟଙ୍କାକୁ ଅଧିକାରୀ,ଠିକାଦାର ଓ କର୍ମଚାରୀମାନେ ହରିଲୁଟ୍ କରିଥିବା ଜଣାଯାଇଛି । ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଜୟପୁରରେ । ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ପଞ୍ଚାୟତର କଞ୍ଜେଇ ମାଲିଗୁଡାଠାରୁ ପଡାପଦର ଘାଟିରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ଏମଜିଏନଆରଇଜିଏସରେ ଘାଟି କାଟିବା ଏବଂ ରାସ୍ତା ନିର୍ମାଣ ନାମରେ ୩ଥର ଟଙ୍କା ଆତ୍ମସାତ ହୋଇଥିବା ଜଣାଯାଇଛି । ୨୦୧୧-୧୨ରେ କଞ୍ଜେଇ ମାଲିଗୁଡାଠାରୁ ପଡାପଦର ୧.୭ କିଲୋମିଟର ଘାଟିରାସ୍ତା ନିମନ୍ତେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଶ୍ରମିକଙ୍କୁ ୪ଲକ୍ଷ ୨୧ ହଜାର ୩୭୫ ଟଙ୍କା ମଜୁରି ଏବଂ ୭୮ହଜାର ୬୨୫ ଟଙ୍କାର ସାମଗ୍ରୀରେ ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ସେହିପରି ଏହି ଯୋଜନା ମାଧ୍ୟମରେ ୨୦୧୨-୧୩ ରେ ପୁଣି ମାଟି ମୋରମ ରାସ୍ତା ନିର୍ମାଣ ନାମରେ ୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏଥିରେ ୭ଲକ୍ଷ ଟଙ୍କା ଶ୍ରମିକଙ୍କୁ ମଜୁରି ଏବଂ ଏକଲକ୍ଷ ଟଙ୍କା ସାମଗ୍ରୀ ବ୍ୟବହୃତ ହୋଇଛି । ସେହିପରି ୨୦୧୫-୧୬ ରେ ୨ ଲକ୍ଷ ଟଙ୍କାର ରାସ୍ତା ନିର୍ମାଣ କରାଯାଇଥିବା ଦର୍ଶାଯାଇଛି । ଏଥିରେ ୧ଲକ୍ଷ ୭୫ ହଜାର ଟଙ୍କାର ମଜୁରି ଏବଂ ୨୫ ହଜାର ସାମଗ୍ରୀରେ ବ୍ୟବହୃତ ନେଇ ଦର୍ଶାଯାଇଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତା ନିର୍ମାଣ ନେଇ କାର୍ଯ୍ୟସ୍ଥଳୀରେ ଲାଗିଥିବା ସୂଚନା ବୋର୍ଡରେ ୨୦୧୮-୧୯ ଆର୍ଥିକ ବର୍ଷ କାର୍ଯ୍ୟ ନିମନ୍ତେ ୯ ଲକ୍ଷ ୫୦ ହଜାର ଟଙ୍କା ଦର୍ଶାଯାଇଛି । ଏଥିନେଇ କାର୍ଯ୍ୟ ଚାଲିଥିବା ଦାୟିତ୍ୱରେ ଥିବା କର୍ମଚାରୀମାନେ କହିଥିଲେ । କିନ୍ତୁ ଘଟଣାସ୍ଥଳରେ କୌଣସି ଶ୍ରମିକ କାମ କରୁଥିବା ନଜରକୁ ଆସି ନ ଥିଲା । ଏଠାର ପାରିପାର୍ଶ୍ୱିକ ଅବସ୍ଥା ଦେଖିଲେ ୨/୩ ଦିନ ପୂର୍ବରୁ କେବଳ ଗଛଲତା ସଫା କରାଯାଇଥିବା ଜଣାଯାଇଛି। କିନ୍ତୁ କିଛି ଦିନ ହେବ ଏଠାରେ କାର୍ଯ୍ୟ ଚାଲିଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହିପରି ଦୁର୍ଗମ ଘାଟିରାସ୍ତାରେ ବଡ ପଥର ଓ ଗଛ ରହିଛି । ଏହାର ନିର୍ମାଣ ଏମଏନଆରଇଜିଏସ ମାଧ୍ୟମରେ ଲୋକଙ୍କ ଦ୍ୱାରା କରିବା ସମ୍ଭବ ନୁହେଁ । ତେଣୁ ଅଯଥା ଟଙ୍କା ଅପବ୍ୟୟ ନ କରି ଏହାକୁ ମେଶିନ ଦ୍ୱାରା କରିବାକୁ ଏହା ପୂର୍ବରୁ ଦାୟିତ୍ୱରେ ରହିଥିବା କନିଷ୍ଠଯନ୍ତ୍ରୀ ଲିଖିତ ଭାବେ ବ୍ଲକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ହେଲେ ଏଥିପ୍ରତି କିଛି ପଦକ୍ଷେପ ନିଆଯାଇ ନ ଥିଲା । ଏହି ନିର୍ମାଣ କାର୍ଯ୍ୟର ଅଟକଳ ମୂଲ୍ୟ ନେଇ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ତ୍ରିନାଥ ଦେହୁରୀ ୫ଲକ୍ଷ ଟଙ୍କା କହୁଥିବା ବେଳେ ଜିଆରଏସ ଆଇ. ହରି ୭ ଲକ୍ଷ ଟଙ୍କା ବୋଲି କହିଛନ୍ତି । କନିଷ୍ଠ ଯନ୍ତ୍ରୀ ଆହୁରି କହିଛନ୍ତି ଯେ, ୨୦୧୧-୧୨ରେ ଏହି କାର୍ଯ୍ୟ ନେଇ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଏହାକୁ ଖର୍ଚ୍ଚ କରାଯାଇ ନ ଥିଲା । ଉକ୍ତ ୫ ଲକ୍ଷ ଟଙ୍କାର ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି କହିଛନ୍ତି । ଏହିପରି କାର୍ଯ୍ୟର ତଦାରଖ କରୁଥିବା ଦୁଇ କର୍ମଚାରୀଙ୍କ ଭିନ୍ନ ମତ ଓ ୨୦୧୧-୧୨ ର ଟଙ୍କା ଦୀର୍ଘ ୭ ବର୍ଷ ପରେ ନିର୍ମାଣ ହେଉଥିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ବିଡିଓ ସୁରଜ ପଟ୍ଟନାୟକଙ୍କୁ ପଚାରିବାରୁ, ଏହାର ସତ୍ୟାସତ୍ୟ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି ।



ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ।

### ଜୋରସୋରରେ ଚାଲିଛି ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର କାର୍ଯ୍ୟ

## ଡିସେମ୍ବର ସୁଦ୍ଧା ସାରିବାକୁ ନିଷ୍ପତ୍ତି

**କୋରାପୁଟ,୨୩।୧୦(ସ୍ୱ.ପ୍ର)**

କୋରାପୁଟ ଜିଲା ସେମିଳିଗୁଡା ବ୍ଲକର ବିଲାପୁଟ ଗ୍ରାମଠାରେ ନିର୍ମାଣାଧୀନ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର କାର୍ଯ୍ୟ ଡ଼ିସେମ୍ବର ସୁଦ୍ଧା ଶେଷ ହେବ। ବୁଧବାର ମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମନ୍ଦିର ପରିସରରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପୋଡାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ପୂର୍ବତନ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଯୋଗ ଦେଇଥିଲେ। ବର୍ତ୍ତମାନ ମନ୍ଦିରର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ତୁରନ୍ତ କାର୍ଯ୍ୟ ସାରି ଆସନ୍ତା ମାଘ ମାସରେ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମନ୍ଦିରରେ ସମସ୍ତ ବିଦ୍ୟୁତ ବ୍ୟବସ୍ଥା କରିବା ନିମନ୍ତେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପୋଡାଲ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ପଟ୍ଟାଙ୍ଗି ବିଧାୟକ ପାଢୀ ମନ୍ଦିର ନିମନ୍ତେ ସୁବାଇଠାରେ ଏକ ଦୋକାନ ଗୃହ ଯୋଗାଇଦେବେ ବୋଲି କହିଥିଲେ । ମନ୍ଦିର ପରିସରରେ ବର୍ତ୍ତମାନ ସୁଦ୍ଧା ଏକ କମ୍ୟୁନିଟି ହଲ, ନଳକୂପ, ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହି ବୈଠକକୁ ମନ୍ଦିର ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ନାରାୟଣ ପ୍ରଧାନୀ, ଗଙ୍ଗା ସାଉଁନ୍ତା, ସେମିଳିଗୁଡା, ସୁବାଇ,ବିଲାପୁଟ ଆଦି ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

## ରାଜ୍ୟପାଳଙ୍କୁ ଦାବିପତ୍ର ଦେଲେ ଆଇନଜୀବୀ

**ଜୟପୁର,୨୩।୧୦(ଡି.ଏନ.ଏ )**



ଆଇନଜୀବୀ ଅନୁପ ପାତ୍ର ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲାର ବିଭିନ୍ନ ପଟ୍ଟାରେ ଲିଖିତ ହସ୍ତାନ୍ତର ଯୋଗ୍ୟ ନୁହେଁ ଉଚ୍ଛେଦ ନେଇ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି । ଜୟପୁର ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ଅନୁପ ପାତ୍ର କୋରାପୁଟ ସର୍କିଟ ହାଉସଠାରେ ମଙ୍ଗଳବାର ରାଜ୍ୟପାଳ ଗଣେଶୀଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲାର ଗ୍ରାମକଣ୍ଠ ପରମ୍ବକ ଜମି ଏବଂ ଅନ୍ୟାନ୍ୟ କିସମ ଜମିରେ ଦୀର୍ଘଦିନ ଧରି ସ୍ଥାନୀୟ ବାସିନ୍ଦା ରହୁଛନ୍ତି । ଏହି ଜମିର ପଟ୍ଟା ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଉକ୍ତ ପଟ୍ଟାରେ ଏହି ଜମି ହସ୍ତାନ୍ତର ଯୋଗ୍ୟ ନୁହେଁ ବୋଲି ଉଲ୍ଲେଖ ରହିଛି । ଏନେଇ ଆଦିବାସୀ, ଦଳିତଙ୍କ ସମେତ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଏହି ଜମିକୁ ସେମାନେ ନିଜର ଆବଶ୍ୟକତା ଅନୁଯାୟୀ କିଣାବିକା କରିପାରୁନାହାଁନ୍ତି । ଏପରିକି ବିବାହ ଏବଂ ଡାକ୍ତରି ଚିକିତ୍ସା ସମୟରେ ନିଜର ଜମି ବିକ୍ରି କରିବାକୁ ଚାହିଁଲେ ମଧ୍ୟ ରେଜିଷ୍ଟ୍ରେଶନରେ ବାଧକ ସାଜୁଛି । ଏ ନେଇ ସ୍ଥାନୀୟ ବିଧାୟକ ବିଧାନସଭାରେ ଉଠାଇଥିଲେ । ଏଥିନେଇ ତତ୍କାଳୀନ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ତୁରନ୍ତ ଏହା କାର୍ଯ୍ୟକାରୀ କରିବାକୁ ୦୧୮ ଡିସେମ୍ବର ୨୧ ତାରିଖରେ ଜିଲା ପ୍ରଶାସନ ଏବଂ ତହସିଲଗୁଡିକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜାନୁୟାରୀ ୨୯ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ବର୍ଷେ ପୂରିଥିଲେ ମଧ୍ୟ କୌଣସି ଉଚିତ୍ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ରାଜ୍ୟପାଳ ଏଥିରେ ହସ୍ତକ୍ଷେପ କରି ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ମାରକପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।

## ଡାକ୍ତରଙ୍କୁ ଗାଳିଗୁଲଜ ନେଇ ଥାନାରେ ମାମଲା

**କୋରାପୁଟ,୨୩।୧୦(ସ୍ୱ.ପ୍ର)**

କୋରାପୁଟ ମେଡିକାଲରେ ଡାକ୍ତରକୁ ଗାଳିଗୁଲଜ ସହ ଠେଲାପେଲା ନେଇ ବୁଧବାର ସ୍ଥାନୀୟ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ମେଡିକାଲରେ ଚିକିତ୍ସାଧୀନ ଜଣେ ଝିଅର ଜ୍ୱର ଭଲ ହେଉନାହିଁ। ଏହାକୁ ନେଇ ମଙ୍ଗଳବାର ରାତିରେ ଡ଼ାକ୍ତର ଦେବଦି ସାମଲଙ୍କୁ ସମ୍ପୃକ୍ତ ଝିଅର ପରିବାର ଓ ସମ୍ପର୍କୀୟ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ । ଏନେଇ ସଂପୃକ୍ତ ଡାକ୍ତର କୋରାପୁଟ ଟାଉନ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା(୨୫୯/୧୯) ରୁଜୁ କରି ତଦନ୍ତ ଚଳାଇଛି । ସୂଚନାଥାଉ କି, ବିଭିନ୍ନ ସମୟରେ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ କରି ଡ଼ାକ୍ତରଙ୍କୁ ଗାଳିଗୁଲଜ ଓ ଠେଲାପେଲା କରିବା ଏଠାରେ ନିତି ଦିନିଆ ହୋଇଗଲାଣି ।

## ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଦଶମନ୍ତପୁର,୨୩।୧୦(ଡ଼ି.ଏନ.ଏ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ଖେଳ ପଡ଼ିଆରେ ବିପର୍ଯ୍ୟୟ ପରିଚାଳନା ଓ ଲଘୁକରଣ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯିବ ସେନେଇ ମକ୍‌ଡ୍ରିଲ କରାଯାଇଥିଲା। କୋରାପୁଟ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ହେଲ୍‌ପ ଏ ଚାଇଲ୍‌ଡ଼ର ପ୍ରକଳ୍ପ ସଂଯୋଜକ ଅଜିତ କୁମାର ମନବୋଧ, ଓଡ୍ରାଫ ଟିମ୍ ଲିଡ଼ର ସ୍ୱଜିତ କୁମାର ହୋତା, ଡ଼ିଗ୍ରୀ ଅଧ୍ୟକ୍ଷ ପ୍ରଶାନ୍ତ କନ୍ଧପାନ, ସୁଶାନ୍ତ ସାହୁ, ଅଧ୍ୟାପକ ସୁକାନ୍ତ ବାଣୁଆ, ପର୍ଶୁରାମ ସାହୁ, ପତିତପାବନ ସେନାପତି, ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବଶିଷ୍ଠ ନାୟକଙ୍କ ସମେତ ପ୍ରତ୍ୟେକ ବିଦ୍ୟାଳୟର ପିଲାମାନେ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ ନଦୀରୁ କିପରି ଉଦ୍ଧାର କରିବା, କ୍ଷତପଟି,ଅଂଶୁଘାତ, ସର୍ପଦଂଶନ କଲେ କିପରି ଉଦ୍ଧାର କରିବେ ସେ ନେଇ ଓଡ୍ରାଫ ଦଳ କୌଶଳ ପ୍ରଦାନ କରିଥିଲେ । ଦର୍ଶକମାନେ ନିଜେ ଶିଖି ଅନ୍ୟକୁ ଶିକ୍ଷା ଦେବା ପାଇଁ ମୁଖ୍ୟଅତଥି ପାତିକା ଦର୍ଶକମାନଙ୍କୁ ଅନୁରୋଧ କରିଥିଲେ । ଏହାକୁ ବ୍ଲକ ସଂଯୋଜକ ଡ଼ଷ୍ଟିନ ରାଉଳ ଏବଂ ସବିର କୁମାର ତୁରକ ପରିଚାଳନା କରିଥିଲେ । ଏହାକୁ ହେଲ୍‌ପ ଏ ଚାଇଲ୍‌ଡ଼ର ଅର୍ଥ ସଂଯୋଜକ ପ୍ରେମଜିତ ବାଘ ଧନ୍ୟବାଦ ଦେଇଥିଲେ ।

## ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ କର୍ମଶାଳା

**ବୈପାରୀଗୁଡା,୨୩।୧୦ (ଡି.ଏନ୍.ଏ)**

ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଠପଡାଠାରେ ବୁଧବାର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସହକାରୀ ସାଧାରଣ ପରିଚାଳକ ମୁରଲୀ ପ୍ରସାଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ସତ୍ୟ ସମୁ ଅନୁଷ୍ଠାନ ସମ୍ପାଦକ ଗିରିଶ ଚନ୍ଦ୍ର ପାଳ ଅତିଥି ପରିଚୟ ଦେବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିମା ରଥ ,ବୈଷ୍ଣବ ନାୟକ ,ରୀନାରାଣୀ ପଣ୍ଡା, ସୁରେଶ କୁମାର ଓ ରାଜଦୀପ ବେହେରା ଉପସ୍ଥିତ ରହି ସମସ୍ତଙ୍କୁ ମାର୍ଗ ଦର୍ଶନ କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ, ପଞ୍ଚ ସୂତ୍ର ଅଧ୍ୟୟନ, ନିୟମିତ ବୈଠକ, ସଞ୍ଚୟ ଖାତା ପତ୍ର ଲିଖନ, ଆଭ୍ୟନ୍ତରିଣ ଅର୍ଥ ସଞ୍ଚାଳନ , ଋଣ ଆଦାୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରକାର ନଥୀକରଣ ସମ୍ପର୍କରେ ସମ୍ବଳ ଅଧିକାରୀମାନେ ବୁଝାଇଥିଲେ । ସିଆରପିଓ ମାଷ୍ଟର ବୁକ୍ କିପର୍‌ମାନଙ୍କୁ ଅଧିକ ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା । ଗ୍ରାମାଞ୍ଚଳର ବିକାଶ ପାଇଁ ଶିକ୍ଷା ଓ କୃଷିକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ଶେଷରେ ଗିରିଶ ଚନ୍ଦ୍ର ପାଳ ଧନ୍ୟବାଦ ଦେଇଥିଲେ ।



କର୍ମଶାଳାରେ ଯୋଗ ଦେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ।

### ଜିଲା କ୍ରୀଡା ସଂଘ ନିର୍ବାଚନ

## ନାମ ସୁପାରିସ କରିବାକୁ ନିର୍ଦ୍ଦେଶ

**ଜୟପୁର,୨୩।୧୦(ଡି.ଏନ.ଏ )**

ଆସନ୍ତା ମାସରେ ଜିଲା କ୍ରୀଡା ସଂଘର କାର୍ଯ୍ୟକାରୀ କମିଟି ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ଜୟପୁର ଉପଖଣ୍ଡ କ୍ରିଡା ସଂଘର ୧୧ ଜଣିଆ କମିଟି ସଦସ୍ୟଙ୍କ ନାମ ଘୋଷଣା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ଶେଷ ସୁଦ୍ଧା କ୍ରୀଡା ସଂଘର ବାଇଏଲ ଏବଂ ସୁପାରିସ କରିବାକୁ କୁହାଯାଇଛି। ଏଥିନେଇ ଉପଜିଲାପାଳ ତଥା ଉପଖଣ୍ଡ କ୍ରୀଡା ସଂଘ ସଭାପତିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରକାଶଥାଉକି, ୨୦୧୫ ଏପ୍ରିଲ ୧୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି କମିଟିର ସମୟ ଅବଧି ଗତ ଏପ୍ରିଲ ୧୭ ତାରିଖରେ ଶେଷ ହୋଇଯାଇଛି । ତେଣୁ ତୁରନ୍ତ କ୍ରୀଡା ସଂଘକୁ ପୁନଃଗଠନ କରିବା ନେଇ ବିଭିନ୍ନ ମହଲରୁ ଦାବି ହୋଇଥିଲା।



ସଂଗଠନର ସଦସ୍ୟମାନେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ନୂତନ ଶ୍ରମିକ ସଂଗଠନ ଗଠନ

**ଦାମନଯୋଡ଼ି,୨୩।୧୦(ଡ଼ି.ଏନ.ଏ)**

ନାଲ୍‌କୋର ଆଲୁମିନା ପ୍ରକଳ୍ପରେ ଆଲୁମିନା ନବ ନିର୍ମାଣ କର୍ମଚାରୀ ସଂଘ ନାମରେ ଏକ ନୂତନ ଶ୍ରମିକ ସଂଗଠନ ଗଠିତ ହୋଇଛି । ବୁଧବାର ସଂଘ ସଭାପତି କେ. ଚଣ୍ଡିପ୍ରସାଦ ରାଓ ଏବଂ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମିଶ୍ରଙ୍କ ସହ ଅନ୍ୟ କର୍ମକର୍ତ୍ତା ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ମହାପ୍ରବନ୍ଧକ ରବିନାରାୟଣ ଉପାଧ୍ୟାୟ ଏବଂ ମହାପ୍ରବନ୍ଧକ ଭୀମସେନ ପ୍ରଧାନଙ୍କୁ ଭେଟି ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ନବନିଯୁକ୍ତି କାର୍ଯ୍ୟକର୍ତ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ନୂତନ କର୍ମଚାରୀ ସଂଗଠନରେ ସାଂଗଠନିକ ସମ୍ପାଦକ ଭାବେ ଚିତ୍ତରଞ୍ଜନ ଦାଶ, କାର୍ଯ୍ୟାଳୟ ସମ୍ପାଦକ ହିମାଂଶୁ ମିଶ୍ର, କୋଷାଧ୍ୟକ୍ଷ ଜୀବନ ଚୌଧୁରୀ, ସମ୍ପାଦକ କାଦୁ ଗୁଡ୍ଡୁ, ସମ୍ପାଦକ ମାନସ ପଣ୍ଡା, ଯୁଗ୍ମ ସମ୍ପାଦକ ରୂପେ ଗୌତମ ବିଶୋୟୀ ମନୋନୀତ ହୋଇଛନ୍ତି ।

## ବିମାନବନ୍ଦର ଜମି ଅଧିଗ୍ରହଣ ନେଇ ସର୍ଭେ

**ଜୟପୁର,୨୩।୧୦(ଡି.ଏନ.ଏ)**



କର୍ମଚାରୀମାନେ ସୌରଗୁଡ଼ାରେ ସର୍ଭେ କରୁଛନ୍ତି।

କୋରାପୁଟ ଜିଲା ଜୟପୁର ବିମାନବନ୍ଦର ଏବଂ ଜାତୀୟ ରାଜପଥକୁ ସଂଯୋଗ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଆବଶ୍ୟକ ଜମି ଅଧିଗ୍ରହଣ କରାଯିବ । ଏଥିଲାଗି ୬ଜଣ ବ୍ୟକ୍ତିଙ୍କ ଘରୋଇ ଜମି ଏବଂ ଗୋଟିଏ ସରକାରୀ ଜମି ରହିଛି । ଘରୋଇ ଜମି ମାଲିକଙ୍କଠାରୁ ଜମି ଅଧିଗ୍ରହଣ ପରେ ସେମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ଥଇଥାନ ବ୍ୟବସ୍ଥା ନିମନ୍ତେ ଭୁବନେଶ୍ୱରସ୍ଥିତ ନବକୃଷ୍ଣ ଚୌଧୁରୀ ଫାଉଣ୍ଡେଶନ ନାମକ ଏକ ଘରୋଇ ସଂସ୍ଥା ପକ୍ଷରୁ ତିନିଜଣ କର୍ମଚାରୀ ଜୟପୁର ସୌରାଗୁଡା ଅଞ୍ଚଳରେ ପହଞ୍ଚି ସର୍ଭେ କରିଛନ୍ତି । ଏଥିରେ ତେଲିଗୁଡା ଗ୍ରାମର ରତ୍ନାକର ମହାପାତ୍ରଙ୍କ ୧ ଏକର ୨୦ ଡିସିମିଲ, ଏମ.ଏସ. ପଟ୍ଟନାୟକଙ୍କ ୪ ଡିସିମିଲ, ସୌରାଗୁଡାର ବାଲାଜୀ ସୌରାଙ୍କ ୩ଟି ପ୍ଲଟ ନମ୍ବରରୁ ୬, ୫୧ ଏବଂ ୨୮ ଡିସିମିଲ ସମୁଦାୟ ୮୫ ଡିସିମିଲ, ଜାନକୀ ସୌରାଙ୍କ ୪୦ ଡିସିମିଲ, ସାନନରସିଂହ ସୌରା ୨୩ ଡିସିମିଲ ଏବଂ ଡମ୍ବରୁ ସୌରାଙ୍କ ୮୬ ଡିସିମିଲ ଜମି ଏବଂ କିଛି ସରକାରୀ ଜମି ସମେତ ସମୁଦାୟ ୩ ଏକର ୩୨ ଡିସିମିଲ ଜମି ଅଧିଗ୍ରହଣ କରାଯିବ। ଏହି ଜମିଗୁଡିକର ସରକାରଙ୍କ ବେଞ୍ଚମାର୍କ ଦରଠାରୁ ଦୁଇଗୁଣ ଟଙ୍କା ପ୍ରଦାନ କରାଯିବ । ସେହିପରି ସେମାନଙ୍କୁ ଥଇଥାନ ଓ ଅଧିଗ୍ରହଣ ପରେ ସେମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ବଜାୟ ରହିବା ନେଇ ଏହି ସର୍ଭେ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଏହାପରେ ସରକାର ଓ ପ୍ରଶାସନ ଦ୍ୱାରା ଗ୍ରାମସଭା ମାଧ୍ୟମରେ କ୍ଷତିପୂରଣ ଦେବା ସହିତ ଉକ୍ତ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟ କରିବା ଲୋକଙ୍କୁ ପ୍ରତିଶ୍ରୁତି ପ୍ରଦାନ କରାଯିବ। ଏହି ସର୍ଭେ ସଂସ୍ଥାର ଅଶୋକ ନାୟକ, ରାଜେନ୍ଦ୍ର ପାତ୍ର ଏବଂ ବେଣୁ ସୁବୁଦ୍ଧି ପ୍ରମୁଖ ଯୋଗ ଦେବେ ।

## ସଂକ୍ଷେପରେ

### ୨ ଅଙ୍ଗନୱାଡି କର୍ମୀଙ୍କୁ ନିଲମ୍ବିତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ନବରଙ୍ଗପୁର,୨୩।୧୦(ବି.ପ୍ର.)- ଦୁଇ ଜଣ ଅଙ୍ଗନୱାଡି କର୍ମୀଙ୍କୁ ନିଲମ୍ବିତ ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ଉପଜିଲାପାଳଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି । କୋଷାଗୁମୁଡା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଜିଲାପାଳ ସମୀକ୍ଷା କରିଥିଲେ । ଏହା ପରେ କ୍ଷେତ୍ର ପରିଦର୍ଶନ କରିଥିଲେ । ଯବାଗୁଡା ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ ଦେଖିଥିଲେ । ସବୁ ଠିକଠାକ ଥିବା ଜଣାପଡିଥିଲା । ଏହାପରେ ସେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ । କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ଥିବା ସହ ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ । ଏହାପରେ ସେ କଦଭଟା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ମଧ ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ । ଏହାକୁ ନେଇ ୨ ଅଙ୍ଗନୱାଡି କର୍ମୀଙ୍କୁ ନିଲମ୍ବନ କରିବା ପାଇଁ ଉପଜିଲାପାଳ ତଥା ଆସିଡିଏସର ଅଧକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସମ୍ପୃକ୍ତ ସେକ୍ଟରର ସୁପରଭାଇଜରଙ୍କ ଦରମାବନ୍ଦ ସହ କୈଫିୟତ ତଲବ ଏବଂ ସିଡିପିଓଙ୍କୁ କୈଫିୟତ ତଲବ କରାଯାଇଛି ।

### ୧୩୮ ଲିଟର ମଦ ଜବତ, ୩ ଗିରଫ



ନବରଙ୍ଗପୁର,୨୩।୧୦(ବି.ପ୍ର.)- ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରଦୀପ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୫୮ ଲିଟର ଦେଶି ମଦ ଜବତ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ୨ ହଜାର ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି । କୋଡିଙ୍ଗା ଥାନା ଅଧୀନ ବଡବାସିନି ଗାଁର କମଳି ଗୌଡଙ୍କ ଠାରୁ ୮ ଲିଟର, ମୁଦି ନାୟଗଗୁଡା ଗାଁର ସୋମନାଥ ପରଜାଙ୍କ ଠାରୁ ୨୬ ଲିଟର, ଭରତ ନାୟକଙ୍କ ଠାରୁ ୨୪ ଲିଟର, ବେଆଇନ ଭାବେ ବିକ୍ରି ହେଉଥିବା ମଦ ୮୦ ଲିଟର ମଦ ଓ ୨ ହଜାର ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି । ଚଢାଉରେ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ବିପ୍ର ଚରଣ ମଣ୍ଡଳ, ଏସଆଇ ଚିତ୍ତରଞ୍ଜନ ପଟ୍ଟନାୟକ, ଏଏସଆଇ ଜଗବନ୍ଧୁ ଜାନୀ, ସୁବ୍ରତ ହିରନ, ସଦାଶିବ ଭତ୍ରା, ଉମେଶ ହରିଜନ, ରଶ୍ମିତା ସୁନା, ସହେନ୍ଦ ଭତରା, ପ୍ରତ୍ୟୁଷ କଚ୍ଛପ, ତ୍ରିନାଥ ସୌରା ଓ ସୁଧାଂଶୁ ବାଘ ସାମିଲ ଥିଲେ ।

### ବିଦେଶୀ ମଦ ଜବତ

କୋଡିଙ୍ଗା, ୨୩।୧୦(ଡି.ଏନ.ଏ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ଥାନା ଅନ୍ତର୍ଗତ ଖୁଟିଗୁଡା ଗ୍ରାମ ଛକ ନିକଟସ୍ଥ ଦୁଇଜଣ ବ୍ୟକ୍ତି ବାଇକରେ ବିଦେଶୀ ମଦ ୨ ପେଟି ନେଇ ଯାଉଥିବା ବେଳେ କୋଡିଙ୍ଗା ପୋଲିସକୁ ଦେଖି ଗାଡି ଓ ମଦ ଛାଡି ଦୌଡି ପଳାଇଲେ । କୋଡିଙ୍ଗା ପୋଲିସ ଗାଡି ( ନଂ ଓଡି୧୦ଏଲ- ୯୨୪୦ )ଓ ବିୟର ୧୨ ପ୍ୟାକ, ରମ ଜବତ କରି ଥାନାକୁ ଆଣିଥିଲେ । ଥାନାରେ ନଂ. ୧୦୮/୧୯ରେ ମାମଲା ରୁଜୁ କରାଯାଇଛି ବୋଲି କୋଡିଙ୍ଗା ଥାନା ଅଧିକାରୀ ଦିଲୀପ କୁମାର ପ୍ରଧାନ କହିଛନ୍ତି । ଦୁଇଜଣ ବ୍ୟକ୍ତି ମଦ କେଉଁଠାରୁ ଆଣିଥିଲେ ଓ ସେମାନେ କିଏ ଅନୁସନ୍ଧାନ ଜାରିରହିଛି ବୋଲି ଥାନା ଅଧିକାରୀ କହିଛନ୍ତି ।

# ପିଇଓଙ୍କୁ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

- ବିଡିଓ ଦେଲେ ବଦଳି ପ୍ରତିଶ୍ରୁତି
- ସାଢେ ୩ ଘଣ୍ଟା ଅଟକ ପରେ ମୁକୁଳିରେ ପିଇଓ

ନବରଙ୍ଗପୁର,୨୩।୧୦(ବି.ପ୍ର.)

ନବରଙ୍ଗପୁର ବ୍ଲକ ବଡମସିଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଅକ୍ଷୟକୁମାର ଖୁରାଙ୍କୁ କାର୍ଯ୍ୟାଳୟ ଭିତରେ ବୁଧବାର ପଞ୍ଚାୟତବାସୀ ତାଲା ପକାଇ ରଖିଥିଲେ । ପିଇଓ ମନଇଚ୍ଛା କାମ କରୁଛନ୍ତି ବୋଲି ଅଭିଯୋଗ କରି ଦୀର୍ଘ ସାଢେ ୩ ଘଣ୍ଟା ଧରି ତାଙ୍କୁ ପଞ୍ଚାୟତବାସୀ ଅଟକ ରଖିଥିଲେ । ଖବର ପାଇ ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ ପହଞ୍ଚି ପିଇଓଙ୍କୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ତାଲା ଖୋଲା ଯାଇଥିଲା । ବଡମସିଗାଁ ପଞ୍ଚାୟତ ସଦର ମହକୁମାଠାରେ ବୁଧବାର ଗ୍ରାମସଭା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ଏ ସମ୍ପର୍କରେ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଜାଣିପାରି ନ ଥିଲେ । ଗରିବ ଲୋକ ଆବାସ ଯୋଜନାରେ ଘର ପାଉନାହାନ୍ତି । ଧନୀ ଘର ପାଉଛନ୍ତି ଗରିବ ସେମିତି ରହି ଯାଉଛନ୍ତି । ପଞ୍ଚାୟରେ କେତେ ଜଣ ଘର, ରାଶନକାର୍ଡ, ଭତ୍ତା ପାଉଛନ୍ତି



ଗ୍ରାମବାସୀଙ୍କ ଦ୍ୱାରା ଅଟକ ରଖାଯାଇଥିବା ପିଇଓ ଅକ୍ଷୟ କୁମାର ଖୁରା ।

ତାହା ପଚାରିଲେ ୱାର୍ଡ ମେମ୍ବରମାନଙ୍କୁ ପିଇଓ ଜଣାଉନଥିଲେ । ପିଇଓ ନିଜ ଇଚ୍ଛା ମୁତାବକ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ କରାଇ ଚାଲିଥିଲେ । ଯେଉଁ ସ୍ଥାନରେ କଲଭର୍ଟ ଆବଶ୍ୟକ ତାହା ନକରି ନିଜ ଇଚ୍ଛାରେ କାର୍ଯ୍ୟ କରୁଥିଲେ ବୋଲି ଗ୍ରାମବାସୀ ଏବଂ ୱାର୍ଡ ସଭ୍ୟମାନେ ଅଭିଯୋଗ କରିଥିଲେ । ପୂର୍ବାହ୍ନ ୧୧ଟାରେ ପିଇଓ ଅକ୍ଷୟ କୁମାର କାର୍ଯ୍ୟାଳୟରେ ଥିବା ସମୟରେ ନାଏବ ସରପଞ୍ଚ ଜେମା ବିଷୋୟୀ, ମନବଧ ପୂଜାରି ସମେତ ଗ୍ରାମବାସୀ ତାଲା ପକାଇଥିଲେ । ୩ ଘଣ୍ଟା ଧରି ପିଇଓ କାର୍ଯ୍ୟାଳୟ ଭିତରେ ଅଟକ ରହିବା ପରେ ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ । ଲୋକଙ୍କୁ ବୁଝାସୁଝା କରିଥିଲେ । ତାଲା ଖୋଲି ପିଇଓଙ୍କ ଉପସ୍ଥିତିରେ ଆଲୋଚନା କରିବାକୁ ବିଡିଓ କହିଥିଲେ । ବିଡିଓଙ୍କ ସହ ଆଲୋଚନା କରିବା ପରେ ତାଲା ଖୋଲାଯିବ ବୋଲି ଗ୍ରାମବାସୀ କହିଥିଲେ । ଉପରୋକ୍ତ ସମସ୍ତ ବିଷୟ ନେଇ ଆଲୋଚନା କରାଯାଇଥିଲା । ପିଇଓ ଏହି ପଞ୍ଚାୟତରେ ୩ ବର୍ଷ ରହିଥିଲେ ମଧ କୌଣସି ଉନ୍ନତି ହୋଇଥିବା ପରିଲକ୍ଷିତ ହୋଇ ନାହିଁ । ସେଥିପାଇଁ ତାଙ୍କୁ ବଦଳି କରାଯିବାକୁ ଗ୍ରାମବାସୀ ଦାବୀ କରିଥିଲେ । ବିଡିଓ ମଣ୍ଡଳ ପିଇଓଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ତାଲା ଖୋଲାଯାଇଥିଲା । ପରେ ପରିସ୍ଥିତି ଶାନ୍ତ ପଡିଥିଲା ।





ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଆଶାକର୍ମୀଙ୍କ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ନବରଙ୍ଗପୁର,୨୩।୧୦(ବି.ପ୍ର)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଡଙ୍ଗରଭେଜା ହାଟପଦା ଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା । ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଆଶା ଓ ଆଶା ସାଥୀମାନଙ୍କ ପାଇଁ ବର୍ଦ୍ଧିତ ରାଶି ଓଡିଶା ସରକାର ସମ୍ପୂର୍ଣ୍ଣ ଭାବେ ଲାଗୁ କରୁ ନାହାନ୍ତି । ତୁରନ୍ତ ବର୍ଦ୍ଧିତ ରାଶି ପ୍ରଦାନ କରଯାଉ ବୋଲି ଦାବୀ କରିଛନ୍ତି । ଆଶାମାନଙ୍କୁ ୧୮ ହଜାର ଓ ଆଶା ସାଥିମାନଙ୍କୁ ୨୪ ହଜାର ଟଙ୍କା ପ୍ରଦାନ ସହ ପ୍ରୋଭିଡେଣ୍ଟ ଫଣ୍ଡ, ମୃତ୍ୟୁକାଳିନ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ । ବେତନ ବିହୀନ ଅଶା କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ କରାଯିବା ପରିବର୍ତ୍ତେ ଅନେକ ସମୟରେ ବିଭିନ୍ନ ବିଭାଗର ବୈଠକକୁ ଡକାଯାଉଛି । ଏହା ଦ୍ୱାରା ଖର୍ଚ୍ଚାନ୍ତହେବାକୁ ପଡୁଛି । ଏନେଇ ଯାତାୟତ ଖର୍ଚ୍ଚ ପ୍ରଦାନ କରାଯାଉ ବୋଲି ଦାବୀରେ ଉଲ୍ଲେଖ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର ସଂଘର ସମ୍ପାଦକ ପରମେଶ୍ୱର ବିଷୋୟୀ, ଆଶାକର୍ମୀ ସଂଘର ସଭାନେତ୍ରୀ ଦେବକୀ ହରିଜନ, ଉପସଭାନେତ୍ରୀ ବୃନ୍ଦାବତୀ ବାଘ, ବୃନ୍ଦାବତୀ ନାୟକ, ସମ୍ପାଦିକା ଦେବକୀ ଭତରା, ସଭ୍ୟା ଅଞ୍ଜଳି ବେହ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

## ■ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ
## ଭାଗନେଲେ ୩ଶହ ଛାତ୍ରୀଛାତ୍ର

ନବରଙ୍ଗପୁର,୨୩।୧୦(ବି.ପ୍ର.)

ନବରଙ୍ଗପୁର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରାଜାଚୈତନ୍ୟ ଦେବ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି । ବିଡିଓ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କୃତି ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକର ୧୧ଟି କ୍ଲଷ୍ଟର ୧୪୨ଟି ବିଦ୍ୟାଳୟର ୩ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ତର୍କ,





ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ରଚନା, କୁଇଜ, ସୁନ୍ଦର ହସ୍ତାକ୍ଷର ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦେବଦାଶ ମହାକୁଡ, ନିଳକଣ୍ଠ ବେହେରା, ନମିତା ଘଡେଇ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଏବିଡିଓ ଜଗବନ୍ଧୁ ସୌରାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କ୍ଲଷ୍ଟର ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ସୁରକ୍ଷା ନେଇ ସଚେତନତା ବୈଠକ

ଡାବୁଗାଁ, ୨୩।୧୦(ଡି.ଏନ.ଏ.)

ଡାବୁଗାଁ ବ୍ଲକ ଅଧୀନ କାମତା ଗ୍ରାମର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଆମ ଜଙ୍ଗଲ ଯୋଜନା ମାଧମରେ କାମତା ବନ ସଂରକ୍ଷଣ ସମିତିର ଏକ ସଚେତନତା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମିତି ସଭାପତି ରାମଫୁଲ ଭତ୍ରାଙ୍କ ସଭାପତିତ୍ୱ କରିଥିଲେ । ଏଥିରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ ଯୋଗ ଦେଇ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା, ନିଆଁ ଦାଉରୁ ଜଙ୍ଗଲକୁ କିପରି ରକ୍ଷା କରିବା, ପଲିଥିନ ବ୍ୟବହାର କରିବା ଦ୍ୱାରା ଏହାର ପରିବେଶ ଉପରେ ପଡୁଥିବା କୁପ୍ରଭାବ ଉପରେ ବୁଝାଇଥିଲେ । ଏହାପରେ ଗ୍ରାମର ଜଙ୍ଗଲ ସୁରକ୍ଷା କାର୍ଯ୍ୟ ଦାୟିତ୍ୱରେ ଥିବା ୩୦ ଜଣଙ୍କୁ ବନବିଭାଗ ତରଫରୁ ଟୋପି ବଣ୍ଟନ କରଯାଇଥିଲା । ଏହି ବୈଠକରେ ବନରକ୍ଷୀ ପ୍ରକାଶ ସରକାର, ଅମଜଙ୍ଗଲ ଯୋଜନାର କର୍ମକର୍ତ୍ତା କୃପାଦାସ ମହୁରିଆ, ହରିହର ନାୟକ ଓ କାଦମ୍ବରୀ ତିଟା ଓ ବନ ସଂରକ୍ଷଣ ସମିତିର ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



### ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଅଧିନିୟମ ସମ୍ପର୍କିତ କର୍ମଶାଳା
## ଶିଶୁଙ୍କ ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ନବରଙ୍ଗପୁର,୨୩।୧୦(ବି.ପ୍ର)-

ନବରଙ୍ଗପୁର ଜିଲା ମିଶନ ଶକ୍ତି ସଭାଗୃହଠାରେ ସଂଯୋଗ କଟକ ଜିଲା ଶିଶୁ କଲ୍ୟାଣ କମିଟି ଏବଂ ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଅଧିନିୟମ ସମ୍ପର୍କିତ ଏକ ଜିଲାସ୍ତରୀୟ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଶିଶୁକଲ୍ୟାଣ କମିଟିର ଅଧକ୍ଷ ଦିବାକର ବାହୁକ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ୧୮ବର୍ଷରୁ କମ ବୟସର ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା,ନ୍ୟାୟ ପ୍ରଦାନ ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଯୋଗଦେଇ ଯୌନଅପରାଧରୁ ଶିଶୁଙ୍କ ସୁରକ୍ଷା କରିବା ଦିଗରେ ସମସ୍ତଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ଜିଲା ଚିକିତ୍ସାଅଧିକାରୀ ଶୋଭାରାଣୀ ମିଶ୍ର, ଜିଲା ଶିକ୍ଷାଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ କୁମାର ମହାନ୍ତି , ସିଏଚ ହୃଦାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟସିଂହ କହିଥିଲେ । ଶିଶୁ ଅଧିକାରୀ କର୍ମୀ ଅରୁଣ କୁମାର ପ୍ରଧାନ ଯୋଗଦେଇ ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଅଧିନିୟମ ୨୦୧୨ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ଯତ୍ନ ଅଧିକାରୀ କୁନିମଣି ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ଭାଜପା ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ନବରଙ୍ଗପୁର,୨୩।୧୦(ବି.ପ୍ର.)

ସ୍ଥାନୀୟ ସର୍କିଟ ହାଉସ ଠାରେ ଭାଜପା ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଜିଲାର ବିଭିନ୍ନ ସମସ୍ୟା ନେଇ ଏକ ସ୍ମାରକ ପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି । ବିଶେଷଜ୍ଞ ଓ ଡାକ୍ତର ଅଭାବରୁ ଜିଲାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ସମସ୍ତ ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଜଣାଇଥିଲେ । ଉମରକୋଟ ଡାକ୍ତରଖାନାକୁ ସବଡିଭିଜନ ଡାକ୍ତରଖାନା ଘୋଷଣା କରାଯାଇଥିଲେ ମଧ କାର୍ଯ୍ୟକାରୀ ହୋଇ ନାହିଁ । ରକ୍ତଭଣ୍ଡାର ଏ ପର୍ଯ୍ୟନ୍ତ ଖୋଲାଯାଇ ପାରିନାହିଁ । ନବରଙ୍ଗପୁରରେ ମେଡିକାଲ କଲେଜ ଖୋଲାଯାଇ ସୁପର ସ୍ପେସିଆଲିଷ୍ଟ ଫ୍ୟାସିଲିଟି କରାଯାଉ । ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦିଆଯାଉ । ପ୍ରତ୍ୟେକ ବ୍ଲକରେ ସରକାରୀ ଡିଗ୍ରୀ କଲେଜ ଖୋଲାଯିବା ପାଇଁ ସ୍ମାରକପତ୍ରରେ ଦର୍ଶାଇଛନ୍ତି । ସ୍କୁଲଗୁଡିକର ଉନ୍ନତିକରଣ କରାଯାଉ । ପ୍ରତି ବ୍ଲକରେ ମଡେଲ ସ୍କୁଲ ଖୋଲାଯାଇଥିଲେ ମଧ ଆବଶ୍ୟକ ଭିତ୍ତିଭୂମି ନାହିଁ । ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଉ । ଜିଲାରେ କୃଷି କାର୍ଯ୍ୟ ଲାଗି ଜଳସେଚନ ପାଇଁ ନବରଙ୍ଗପୁର ପ୍ରକଳ୍ପ, ତେଲ ଇଣ୍ଟିଗ୍ରେଟେଡ୍ ପ୍ରକଳ୍ପ, ଟୁରି, ଗୁଣିଥାଟ ଜଳସେଚନ ପ୍ରକଳ୍ପ ତ୍ୱରାନିତ୍ୱ କରାଯିବାକୁ ଅନୁରୋଧ କରାଯାଇଛି । ସେହିଭଳି ପାନୀୟ ଜଳ ବ୍ୟବସ୍ଥା , ନବରଙ୍ଗପୁର ଓ ଉମରକୋଟ ପୌରାଞ୍ଚଳର ସମସ୍ତ ଘର ପାଇଁ ପାଇପଜଳ ଯୋଗାଣ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦର୍ଶାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଛି । ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିବା, ବହୁ ଗରିବ ଲୋକଙ୍କ ବାସଗୃହ ନଥିବା, ବାସ ହୀନଙ୍କୁ ଘର ଡିହ ପଟ୍ଟା ମିଳିନଥିବା, ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ସମ୍ପର୍କରେ ସ୍ମାରକପତ୍ରରେ ଦର୍ଶାଇଛନ୍ତି । ଜୟପୁର ଠାରୁ ନବରଙ୍ଗପୁର ରେଳ ସଂଯୋଗ ପାଇଁ ରାଜ୍ୟ ସରକାର ଗୋଟିଏ ଇଞ୍ଚ ଜମି ରେଳ ବିଭାଗକୁ ହସ୍ତାନ୍ତର କରିନଥିବାରୁ ଏହି କାର୍ଯ୍ୟ ଆଗଉନଥିବା ଅଭିଯୋଗ କରାଯାଇଛି । ଜିଲାରେ ବାରମ୍ବାର ବିଦ୍ୟୁତ କାଟ ସମ୍ପର୍କରେ ଦର୍ଶାଇଥିଲେ । ନବରଙ୍ଗପୁରରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବୀ ଜଣାଇଛନ୍ତି । ଜିଲାରେ ଏକ ମାତ୍ର ମଙ୍ଗଳମ ଟିମ୍ବର କାରଖାନା ବନ୍ଦ ହୋଇଥିବାରୁ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହା କିଭଳି ଚାଲିପାରିବ ସେନେଇ ପଦକ୍ଷେପ ନେବାକୁ ଜଣାଇଛନ୍ତି । ଜିଲାରେ ୩ୟ ଓ ୪ର୍ଥ ସରକାରୀ କର୍ମଚାରୀ ଜିଲାସ୍ତରୀୟ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ପୂର୍ବତନ ଏମପି ବଳଭଦ୍ର ମାଝୀ, ଭାଜପା ଜିଲାସଭାପତି ଗୋବିନ୍ଦ ଜୈନ, ଜିଲା ସାଧାରଣ ସମ୍ପାଦକ ଜଗଦିଶ ଚନ୍ଦ୍ର ବିଷୋୟୀ, ଯୁବନେତା ଗୌରୀ ଶଙ୍କର ମାଝୀ, ଜିଲ ପଛୁଆବର୍ଗ ସଭାପତି ମନୋଜ ମହାନ୍ତୁଡ, ସରୋଜ ବେହେରା, ଅରୁଣ ପୂଜାରୀ, ସଞ୍ଜିବ ନନ୍ଦ ପ୍ରମୁଖ ଭେଟି ଆଲୋଚନା କରିଥିଲେ । ଆଲୋଚନା ସମୟରେ ଜିଲାପାଳ ଅଜିତ କୁମାର ମିଶ୍ର ଉପସ୍ଥିତ ଥିଲେ ।

## ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ

ନବରଙ୍ଗପୁର,୨୩।୧୦(ବି.ପ୍ର.)

ଓଡିଶା ସରକାରଙ୍କ ଶିଳ୍ପଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପକ୍ଷରୁ ନବରଙ୍ଗପୁର କୋଣାର୍କ ଆଇଟିଆଇ ପରିସରରେ ଶିଳ୍ପଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୩୦ ଯୁବତୀ ଯୁବକ ଭାଗ ନେଇଥିଲେ । ଦୁଇ ସପ୍ତାହ ଧରି ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ, ସମବାୟ, କୃଷି ଓ ବୀମା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଓ ସରକାରୀ ସୁବିଧା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଆତ୍ମନିର୍ଭରଶୀଳ ହୋଇ ନିଜ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ବ୍ୟବସାୟ ବୃଦ୍ଧି କରିବା ଓ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇବାରେ ସକ୍ଷମ ହୋଇପାରିବେ ଏନେଇ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାର ଲିଡ୍ ବ୍ୟାଙ୍କ ମ୍ୟାନେଜର ସିଦ୍ଧାର୍ଥ ସାମଲ, ଜିଲା ଶିଳ୍ପକେନ୍ଦ୍ରର କୁଟୀର ଶିଳ୍ପ ଅଧିକାରୀ ଲିଙ୍ଗରାଜ ଖଣ୍ଡପାନ, ପ୍ରୋଗ୍ରାମ ମ୍ୟାନେଜର ଗୋକୁଳ ନନ୍ଦନ, କୋଣାର୍କ ଆଇଟିଆଇର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶ୍ରୀନିବାସ ରାଓ, ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ବିଦ୍ୟାଳୟକୁ ଯାଇ ଅନୁଧାନ କଲା କଂଗ୍ରେସ ଟିମ୍
### ୩ ଶିକ୍ଷକ ନିଲମ୍ବିତ ଘଟଣା

ନବରଙ୍ଗପୁର,୨୩।୧୦(ବି.ପ୍ର.)

ମାନିଗାଁ ଓ ଧନସୁଳି ଆଶ୍ରମ ବିଦ୍ୟାଳୟକୁ କଂଗ୍ରେସର ଏକ ଅନୁଧାନ ଟିମ ବୁଧବାର ଗସ୍ତ କରିଛି । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଜିଲାପରିଷଦ ବୈଠକରେ କରିଥିବା ଅଭିଯୋଗ କ୍ରମେ ଜିଲାପାଳ ଅଜିତ କୁମାର ମିଶ୍ର ମାନିଗାଁର ୨ଜଣ ଶିକ୍ଷକ ଓ ଧନସୁଳିର ଜଣେ ଶିକ୍ଷକକୁ ନିଲମ୍ବିତ କରିଥିଲେ । ଏହାକୁ ନେଇ ରାଜନୀତି ସରଗରମ ହୋଇଛି । କଂଗ୍ରେସର ଏକ ପ୍ରତିନିଧି ଦଳ ଉଭୟ ବିଦ୍ୟାଳୟକୁ ଯାଇ ଘଟଣାର ଅନୁସନ୍ଧାନ କରିଛନ୍ତି । ବିଧାୟକ ୧୮ ତାରିଖରେ ମାନିଗାଁ ଆବାସିକ ବିଦ୍ୟାଳୟକୁ ଯାଇଥିଲେ । ସେ ଗେଟ ଖାତାରେ ଦସ୍ତଖତ ନକରି ୯ ଜଣ ଦଳୀୟ କର୍ମୀଙ୍କୁ ନେଇ ପ୍ରବେଶ କରିଥିଲେ । ପିଅନ ବନମାଳି ମାଝି ଖାତା ଧରି ଆସିଥିଲେ ମଧ କେହି ଦସ୍ତଖତ କରିନଥିଲେ । ସଂପୃକ୍ତ ଦିନ ଭାତ, ଡାଲି ଓ ତରକାରୀ ରୋଷେଇ ହୋଇଥିଲା । ବିଧାୟକ ନିଜେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପରସିଥିଲେ । ଫଟୋ ଉଠାଇ ବିଧାୟକ ଉଦ୍ଦେଶ୍ୟ ମୂଳକ ଭାବେ କମ ରୋଶେଇ ହୋଇଥିବା ଅଭିଯୋଗ ଆଣିଥିଲେ । ସେଠାରେ ଉପସ୍ଥିତ ଥିବା ସହାୟକ ଶିକ୍ଷକ କେଦାର ସ୍ୱାଇଁଙ୍କୁ ଠିକ ବ୍ୟବ୍ୟହାର ଦେଖାଇ ନଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଛି । ମଧ୍ୟାହ୍ନ ଭୋଜନ ପରିଚାଳନା ନେଇ ବିଧାୟକ ଯେଉଁ ଅଭିଯୋଗ ଉଠାଇଥିଲେ ସେ ନେଇ ଛାତ୍ରୀଛାତ୍ରଙ୍କୁ କଂଗ୍ରେସର ଟିମ ପଚାରି ବୁଝିଥିଲେ । ଶିକ୍ଷକ ବିରୋଧରେ ଅଣାଯାଇଥିବା ବିଭିନ୍ନ ଅଭିଯୋଗ ଉଦ୍ଦେଶ୍ୟ ମୂଳକ ରହିଥିବା କଂଗ୍ରେସର ଅନୁସନ୍ଧାନ ଟିମ କହିଛି । ଜିଲା ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ପିସିସି ସଭ୍ୟ ଦିଲ୍ଲିପ କୁମାର ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ବୈଦେଇ ମାଝୀ, ଡାବୁଗାଁ ବ୍ଲକ ଅଧକ୍ଷ ବଂଶିଧର ମାଝୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଯୁବ କଂଗ୍ରେସ ସଭାପତି ତାଜ ଇମ୍ରାନ ସରିଫ, ବିଧାନସଭା ଯୁବ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ବୃନ୍ଦାବନ ତ୍ରିପାଠୀ ପ୍ରମୁଖ ଏକ ଟିମ ଯାଇ ଘଟଣାର ଅନୁସନ୍ଧାନ କରିଥିଲେ ।

# କନିଷ୍ଠ ଶିକ୍ଷକ ନିଯୁକ୍ତି ଦାବି

ନବରଙ୍ଗପୁର,୨୩।୧୦(ବି.ପ୍ର.)

କନିଷ୍ଠ ଶିକ୍ଷକ ନିଯୁକ୍ତି ଦାବୀରେ ଡିଇଏଲଇଡି ଓ ବିଏଡ ତାଲିମ ପ୍ରାପ୍ତ ଆଶାୟୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାରଙ୍କୁ ବୁଧବାର ପ୍ରଦାନ କରିଛନ୍ତି । ଜିଲାରେ ଖାଲିଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ଦାବୀ କରାଯାଇଛି । ତାଲିମ ସରିବା ପରେ ଏହି ଯୁବତୀ ଯୁବକମାନେ ନିଯୁକ୍ତି ନପାଇ ଘୋର ମାନସିକ ଦୁଶ୍ଚିନ୍ତାରେ ରହୁଥିବା ଜଣାଇଛନ୍ତି । ୨୦୧୬ ମସିହା ପରେ ଏ ପର୍ଯ୍ୟନ୍ତ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବର୍ତ୍ତମାନ ସମୟରେ





ଯୁବତୀ ଯୁବକମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ସରକାରୀ ଡି.ଇଏଲ.ଇ.ଡି ଓ ବିଏଡ ଆଶାୟୀ ସଂଖ୍ୟା ପ୍ରାୟ ୫୦ ହଜାରରୁ ଉର୍ଦ୍ଧ ରହିଛି । ଏବେ ନବରଙ୍ଗପୁର ଜିଲାରେ ୧୨ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ରହିଛି । ଏହାର ପୂରଣ ପାଇଁ ସଂଘ ଦାବୀ କରି ଆସୁଛି । ଜିଲାର ୧୦ଟି ବ୍ଲକରୁ ଶତାଧିକ ତାଲିମ ପ୍ରାପ୍ତ ଯୁବତୀ ଯୁବକ ଆମ୍ବେଦକର ଛକ ଠାରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଅତିରିକ୍ତ ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ । ସୁଦାନ ବେହେରା, ଅକ୍ଷୟ କୁମାର ମାଜି, ସିପୁନ ରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ ।

